# ରବିବାରିଆ ଭିଡ଼ ଅସମ୍ଭାଳ



ବାଲିଯାତ୍ରାର ୩ୟ ଦିନ

**କଟକ, ୧୭।୧୧ (ଶିକ୍ସା ପ୍ରିୟଦର୍ଶିନୀ)**

ରବିବାର ଥିଲା ବାଲିଯାତ୍ରାର ତୃତୀୟ ଦିନ। ଦିନତମାମ ପଡିଆରେ ଗହଳି ଲାଗି ରହିଥିଲା। ଦିନରେ କେତେକ ଲୋକ ବାଲିଯାତ୍ରା ବୁଲାବୁଲି କରିବା ସହ ଘରକରଣା ସାମଗ୍ରୀ କିଣି ଘରକୁ ଫେରିଥିଲେ। ଛୁଟିଦିନ ଥିବାରୁ ଅପରାହ୍ନରୁ ଭିଡ଼ ଅସମ୍ଭାଳ ହୋଇପଡିଥିଲା। ସମସ୍ତେ ଚାହୁଁଥିଲେ ବାଲିଯାତ୍ରା ପଡିଆରେ ଆଗ ପହଞ୍ଚିବା ପାଇଁ। ବାଲିଯାତ୍ରା ପଡିଆକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଜାମ୍ ରହିଥିଲା। ଏପରି କି ମହାନଦୀ ରିଂରୋଡ୍‌ରେ ଗାଡି ଗଡିବା ଅସମ୍ଭବ ହୋଇଥିଲା। ପଡିଆ ତ ଦୂରର କଥା ଗାଡି ପାର୍କିଂ ଷ୍ଟାଣ୍ଡରେ ପହଞ୍ଚିବାବେଳକୁ ଘଣ୍ଟା ଘଣ୍ଟା ସମୟ ଲାଗିଥିଲା। ଯାହାର ଦୃଶ୍ୟ ନ ଦେଖିଲେ ବର୍ଣ୍ଣନା କରିହେବ ନାହିଁ। ପୂର୍ବ ଦୁଇଦିନ ଅପେକ୍ଷା ରବିବାର ବାଲିଯାତ୍ରା ପଡିଆ ଲୋକାରଣ୍ୟ ହୋଇଥିଲା। ଗାଡ଼ି ରଖିବା ପାଇଁ ୧୦ରୁ ଅଧିକ ପାର୍କିଂ ବ୍ୟବସ୍ଥା କରାଯାଇଥିଲେ ମଧ ସନ୍ଧ୍ୟା ୬ଟା ପରଠୁ ଗାଡି ରଖିବାକୁ ଜାଗା ମିଳି ନ ଥିଲା। ୩ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ବାଲିଯାତ୍ରା ବୁଲିଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ଶନିବାର ସଂକ୍ରାନ୍ତି ଥିବାରୁ ଛାଡ଼ଖାଇ ମାଡ଼ ଖାଇଥିଲା। ହେଲେ ରବିବାର ବାଲିଯାତ୍ରା ପଡିଆରେ ଲୋକମାନେ ଛାଡଖାଇ ପାଳିଥିଲେ। ଆମିଷ ଷ୍ଟଲରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ପ୍ରସ୍ତୁତ ରହିଥିଲେ। ଏଥିସହ ଦହିବରା ଆଳୁଦମ, ଚାଟ୍, ଗୁପଚୁପ ଓ ଅନ୍ୟାନ୍ୟ ଚଟ୍‌ପଟି ଖାଦ୍ୟ ଖାଇବାର ମଜା ନେଇଥିଲେ ଜନସାଧାରଣ। ସେହିପରି କଟକ ଇନ୍ କଟକ, ଅନନ୍ତ ଦୁନିଆ, ଓର୍‌ମାସ୍ ଷ୍ଟଲ, କିନ୍ନରଙ୍କ ଷ୍ଟଲ ସମେତ ବାଲିଯାତ୍ରାର ତଳ ଓ ଉପର ପଡିଆରେ ବ୍ୟବସାୟୀ ଭଲ ବ୍ୟବସାୟ କରିଥିଲେ।



ବାଲିଯାତ୍ରା ପଡ଼ିଆରେ ଥିବା ଏକ ଷ୍ଟଲରେ ଆମିଷ ଖାଦ୍ୟ ବିକ୍ରି ହେଉଛି।

## ଷ୍ଟଲ୍‌ରେ ଚଢ଼ାଉ, ବାସିଖାଦ୍ୟ ନଷ୍ଟ

ବାଲିଯାତ୍ରା ପଡିଆର ବିଭିନ୍ନ ଷ୍ଟଲରେ ସିଏମ୍‌ସି ପକ୍ଷରୁ ରବିବାର ଚଢ଼ାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ଅଧିକାଂଶ ଷ୍ଟଲରେ ଖାଦ୍ୟର ମାନ ଠିକ୍ ନ ଥିବା ଜଣାପଡିଥିଲା। ଫଳରେ ୧ କୁଇଣ୍ଟାଲରୁ ଅଧିକ ବାସି ଓ ଅପମିଶ୍ରିତ ଖାଦ୍ୟ ନଷ୍ଟ କରାଯାଇଥିଲା। ଏଥିସହ ୬ଟି ଦୋକାନ ସିଲ୍ କରାଯାଇଛି। ଆଗାମୀ ଦିନରେ ବାସି କିମ୍ବା ରଙ୍ଗ ମିଶା ଖାଦ୍ୟ ବିକ୍ରି ନ କରିବାକୁ ବ୍ୟବସାୟୀଙ୍କୁ ସତର୍କ କରାଯାଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି।

# ଦମାଦମ୍ ମସ୍ତ କଲନ୍ଦର ଗୀତରେ ଝୁମିଲେ ଦର୍ଶକ

**କଟକ, ୧୭।୧୧ (ଶିକ୍ସା ପ୍ରିୟଦର୍ଶିନୀ)**

ବାଲିଯାତ୍ରାର ରବିବାର ତୃତୀୟ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ହମ୍‌ସୁଫି ବ୍ୟାଣ୍ଡ ଓ ଗ୍ରୁପ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ନେନୋ ନେ ଥାରି କେସା ଯାଦୁ କିୟାରେରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପରେ ସାନୁ ଏକ ପଲ ଚେନ ନା ଆଏ, ତୁ ଜାନେ ନା, ଅଲ୍ଲୀ ମୋର ଅଙ୍ଗନା ଭଳି ମନଛୁଆଁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିସହ ଦମାଦମ ମସ୍ତ କଲନ୍ଦର ଗୀତରେ ଝୁମିଥିଲେ ଦର୍ଶକ। ମୋବାଇଲ ଫ୍ଲାଶ୍ ଲାଇଟ ଲଗାଇ ଦର୍ଶକ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ନେପାଳର ସାଂସ୍କୃତିକ ଗ୍ରୁପ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ କଟକ ସ୍ୱାମୀ ଚିଦାନନ୍ଦ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଲୋକନୃତ୍ୟ, ଭଞ୍ଜ ଭକ୍ତି ଅର୍ଘ୍ୟ ପକ୍ଷରୁ ଭଜନ, ସିଙ୍ଘମ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗଣେଶ ବନ୍ଦନା, ସଂଗୀତ କଳା ସଂସଦ ପକ୍ଷରୁ ଚଇତି ଘୋଡା ନୃତ୍ୟ, ଇଜେଡସିସି ପକ୍ଷରୁ କଥକ ନୃତ୍ୟ, ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡିଶୀ ନୃତ୍ୟ, ପରିବେଷିତ ହୋଇଥିଲା।

ଅପରପକ୍ଷରେ ଅକ୍ଷୟ ମହାନ୍ତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କେନ୍ଦୁଝରର ବୀଣାପାଣି କଳା ନିକେତନ ପକ୍ଷରୁ ପଲ୍ଲୀ ନାଟକ ପରିବେଷଣ କରାଯାଇଥିଲା। ଏଥିସହ କେନ୍ଦ୍ରାପଡ଼ା ପାୟଲ ମ୍ୟୁଜିକ ବିଦ୍ୟାଳୟ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକର ନୃତ୍ୟ ସୃଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଲୋକନୃତ୍ୟ, ଅନନ୍ୟା ଡ୍ୟାନ୍ସ ଏକାଡେମୀ ଓ ବାରବାଟୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶିବ ପଞ୍ଚାକ୍ଷର, ତ୍ରିନେତ୍ର କଳାକୁଞ୍ଜ ପକ୍ଷରୁ ଓଡ଼ିଶୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା।



# ସାଂସ୍କୃତିକ କାର୍ଯ୍ୟକ୍ରମ ସମୟ ସୀମା ବଢ଼ାଇଲେ ମୁଖ୍ୟମନ୍ତ୍ରୀ

## କଟକର ସମ୍ମାନ ରକ୍ଷା ଦିଗରେ କାର୍ଯ୍ୟ କରାଯିବ: ଜିଲାପାଳ

ବାଲିଯାତ୍ରା ପଡିଆ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଶନିବାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୋଲିସ ପ୍ରଶାସନ ବନ୍ଦ କରିବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯିବା ସତ୍ତ୍ୱେ ପୋଲିସ ପ୍ରଶାସନ ଅନୁରୋଧ ନ ରଖି ଫୋର୍ସ ଲଗାଇ କାର୍ଯ୍ୟକ୍ରମ ବନ୍ଦ କରିଥିଲା। ଏ ସମ୍ପର୍କରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି, ଶନିବାର କାର୍ଯ୍ୟକ୍ରମରେ କୌଣସି କାର୍ଯ୍ୟ ଯୋଗୁ ଉପସ୍ଥିତ ରହି ପାରି ନ ଥିଲି। ଘଟଣା ସମ୍ପର୍କରେ ଅତିରିକ୍ତ ଜିଲାପାଳଙ୍କଠାରୁ ଜାଣିବାକୁ ପାଇଥିଲି। ତେବେ ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ରବିବାର ଏ ସମ୍ପର୍କରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂଙ୍କ ସହ ଆଲୋଚନା କରିଛି। ଯେଉଁଭଳି ଏହି ଘଟଣାର ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଏଡିଏମ୍‌ଙ୍କୁ ମଞ୍ଚ ପରିଚାଳନା ଦାୟିତ୍ୱ ଦିଆଯାଇଛି। ହାଇକୋର୍ଟଙ୍କ ନିୟମ ମୁତାବକ କାର୍ଯ୍ୟକ୍ରମ କରାଯିବ। ବାଲିଯାତ୍ରା ସୁପରିଚାଳନା ପାଇଁ ଏକ ଟିମ୍ ଗଠନ କରାଯାଇଛି। ସମସ୍ତେ ମିଳିମିଶି କାମ କରିବୁ। ଯେପରି କଟକର ସମ୍ମାନ ଉପରେ ଆଞ୍ଚ ନ ଆସିବ ସେଭଳି ଭାବେ କାର୍ଯ୍ୟ କରାଯିବ ବୋଲି ସିନ୍ଦେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରାର ସାଂସ୍କୃତିକ କାର୍ଯ୍ୟକ୍ରମ ସମୟ ଅବଧି ବଢିବା ସମ୍ପର୍କରେ ଜିଲାପାଳ ସିନ୍ଦେ ଏବଂ ପୋଲିସ କମିଶନର ସିଂଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମର ସମୟ ଅବଧି ଅଧଘଣ୍ଟା ବଢାଇବା ପାଇଁ ସେ ଅନୁମତି ଦେଇଛନ୍ତି।

ସୂଚନାଯୋଗ୍ୟ, ବାଲିଯାତ୍ରାରେ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଧାରିତ ସମୟ ରହିଥାଏ। ହେଲେ ଶୁକ୍ରବାର କାର୍ଯ୍ୟକ୍ରମ ପରିବେଷଣରେ ବିଳମ୍ୱ ହୋଇଥିଲା। ସେହିପରି ଶନିବାର ଏଭଳି ହେବାରୁ ପୋଲିସ ଫୋର୍ସ କାର୍ଯ୍ୟକ୍ରମ ବନ୍ଦ କରିଥିଲା। ଫଳରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଗୋଟିଏ ଗୀତର ମୁଖଡ଼ା ଗାନ କରି ମଞ୍ଚରୁ ଚାଲି ଯାଇଥିଲେ। ଏହାକୁ ନେଇ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ମଦ ଜବତ, ୨ ଗିରଫ

ଖୁଣ୍ଟୁଣୀ, ୧୭।୧୧ (ସଚ୍ଚିଦାନନ୍ଦ ପଣ୍ଡା)– ଦେଶୀ ମଦ ବିକ୍ରି ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଦର୍ପଣପୁର ଗ୍ରାମର ରଘୁ ସିଙ୍ଗ୍ ଓ ତଳପଡ଼ିଆ ଗ୍ରାମର ସୀତାରାମ ବାସ୍କେ। ସେମାନଙ୍କ ନିକଟରୁ ୯୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ୨ଟି ମାମଲା (ନଂ.୨୦୫,୨୦୬/୨୪) ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟ ଦେଶୀ ମଦ ବିକ୍ରି କରି ଗ୍ରାମରେ ଅଶାନ୍ତ ବାତାବରଣ ସୃଷ୍ଟି କରୁଥିଲେ।

## ‘ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ସୁମିତ୍ରା’

**କଟକ, ୧୭।୧୧ (କାର୍ତ୍ତିକ ସାହୁ)**

ଗାନ୍ଧୀବାଦୀ ଗଣସଙ୍ଗଠନ ସମୂହଙ୍କ ପକ୍ଷରୁ ବିଶିଷ୍ଟ ସର୍ବୋଦୟ ନେତ୍ରୀ ସୁମିତ୍ରା ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ କଟକ ସ୍ୱରାଜ ଆଶ୍ରମଠାରେ ରବିବାର ପାଳିତ ହୋଇଯାଇଛି। ସୁମିତ୍ରା ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ କାରାବରଣ କରିଥିଲେ। ପିତାଙ୍କ ପଦାଙ୍କ ଅନୁସରଣ କରି ଗାନ୍ଧିଜୀଙ୍କ ବିଚାରରେ ପ୍ରଭାବିତ ହୋଇଥିଲେ। ସେ ସନ୍ଥ ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। କସ୍ତୁରବା ଗାନ୍ଧୀ ସ୍ମାରକ ଟ୍ରଷ୍ଟ, ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଭଳି ଗାନ୍ଧୀ ସର୍ବୋଦୟ ବିଚାର ସଙ୍ଗଠନଗୁଡ଼ିକର ଦାୟିତ୍ୱ ତୁଲାଇ ଶତାଧିକ କର୍ମୀ ତିଆରି କରିଥିଲେ। ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ଦ୍ୱାରା ପ୍ରତିଷ୍ଠିତ ସର୍ବୋଦୟ ପତ୍ରିକାର ସମ୍ପାଦିକା ଥିଲେ। କୁଟୀର ଶିଳ୍ପ ଓ ହସ୍ତଶିଳ୍ପ ପ୍ରଚଳନ କରିବା ସହିତ ପରିବେଶକୁ ରକ୍ଷା କଲେ ସୁମିତ୍ରା ଚୌଧୁରୀଙ୍କ ପ୍ରତି ବାସ୍ତବ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ କହିଥିଲେ। ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣା ମହାନ୍ତି, ଶୈଳଜ ରବି, ପ୍ରଫୁଲ୍ଲ ସାମନ୍ତରା, ପ୍ରଶାନ୍ତ ଦାସ, ଜୟନ୍ତ ଦାସ, ନଗେନ୍ଦ୍ର ରଥ, କବୀର ଜେନା, ପ୍ରସନ୍ନ ମହାପାତ୍ର, ସାନନ୍ଦ ସେଠୀ, ଅନ୍ନପୂର୍ଣ୍ଣା ପଣ୍ଡା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମିହିର ପ୍ରତାପ ଦାସ ସ୍ୱାଗତ ଭାଷଣ ଓ ଡ. ସଂଯୁକ୍ତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ‘ଓଡ଼ିଆ ସଙ୍ଗୀତର ମୁକୁଟବିହୀନ ସମ୍ରାଟ୍ ଅକ୍ଷୟ ମହାନ୍ତି’

## କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକ

**କଟକ, ୧୭।୧୧ (କାର୍ତ୍ତିକ ସାହୁ)**



କନିକାଛକସ୍ଥିତ ଅକ୍ଷୟ ମହାନ୍ତି ପାର୍କ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବିଶେଷ।

ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ପ୍ରଖ୍ୟାତ କଣ୍ଠଶିଳ୍ପୀ ତଥା ସାହିତ୍ୟିକ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକ ରବିବାର ପାଳିତ ହୋଇଯାଇଛି। କଟକ କନିକା ଛକସ୍ଥିତ ଅକ୍ଷୟ ମହାନ୍ତି ପାର୍କଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଓଡ଼ିଶାର ସଙ୍ଗୀତ ଜଗତକୁ ସ୍ୱର୍ଗତ ମହାନ୍ତିଙ୍କ ଅବଦାନ ଅତୁଳନୀୟ। ଅକ୍ଷୟ ମହାନ୍ତି ଜଣେ ଉଚ୍ଚକୋଟୀର କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ, ସଙ୍ଗୀତଜ୍ଞ ଓ ଗୀତିକାର ଭାବେ ସୁପରିଚିତ। ଯଥାର୍ଥରେ ସେ ଥିଲେ ଓଡ଼ିଆ ସଙ୍ଗୀତ ଜଗତର ମୁକୁଟବିହୀନ ସମ୍ରାଟ। ଅକ୍ଷୟ ମହାନ୍ତି ଓଡ଼ିଆ ସଙ୍ଗୀତକୁ ଶୀର୍ଷରେ ପହଞ୍ଚାଇବା ସହ କଣ୍ଠସ୍ୱରରେ ଶ୍ରୋତାଙ୍କୁ ବାନ୍ଧି ରଖିପାରୁଥିଲେ। ତାଙ୍କ ସଙ୍ଗୀତ ସାଧନା ଉପରେ ଗବେଷଣାର ଆବଶ୍ୟକତା ରହିଛି। ଭବିଷ୍ୟତ ବଂଶଧରଙ୍କୁ ତାଙ୍କ ସଙ୍ଗୀତ ପ୍ରେରଣା ଯୋଗାଇବ। କଟକ ବାଲିଯାତ୍ରା ପଡିଆ ଅକ୍ଷୟ ମଞ୍ଚରେ ତାଙ୍କ ସଙ୍ଗୀତ ଓ କୃତି ସମ୍ପର୍କରେ ଆଲୋକପାତ କରାଯିବା ଆବଶ୍ୟକ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଏଥିରେ ପରିଷଦର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅଧ୍ୟକ୍ଷତା କରି କହିଛନ୍ତି, ଅକ୍ଷୟ ମହାନ୍ତି ସଙ୍ଗୀତ କ୍ଷେତ୍ରରେ ଯେମିତି ଖ୍ୟାତି ଅର୍ଜନ କରିଥିଲେ, ସେହିଭଳି ଜଣେ ସଫଳ କଥାଶିଳ୍ପୀ ଓ ଜୀବନୀକାର ଭାବରେ ଓଡ଼ିଆ ସାହିତ୍ୟରେ ପ୍ରସିଦ୍ଧି ଲାଭ କରିଛନ୍ତି। ତାଙ୍କ ରଚିତ ଅନେଶତ ରାଣୀ, ନଗ୍ନ ମୋନାଲିସା, ମଲା ପ୍ରଜାପତି, ବିଚରା ପ୍ରଭୃତି ଗଳ୍ପଗ୍ରନ୍ଥ ଓ ତାଙ୍କର ଆତ୍ମଜୀବନୀ ଆମ ଓଡ଼ିଆ ବାଣୀଭଣ୍ଡାରର ଅମୂଲ୍ୟ ସମ୍ପଦ। ସ୍ୱର୍ଗତ ମହାନ୍ତିଙ୍କର ଏକ ପୂର୍ଣ୍ଣାଙ୍ଗ ଅବୟବ ପ୍ରତିମୂର୍ତ୍ତି କଟକରେ ପ୍ରତିଷ୍ଠା କରାଯାଉ ବୋଲି ସେ ଦାବି କରିଥିଲେ। ଏଥିରେ ଆଇନଜୀବୀ ତଥା ସଙ୍ଗୀତ ସଂଯୋଜକ କୈଳାସ ଚନ୍ଦ୍ର ଶତପଥୀ, ପୂର୍ବତନ ପ୍ରଶାସକ ବଂଶୀଧର ରାଉତ, ଉତ୍କଳଭୂଷଣ ରାଉତରାୟ, ସତ୍ୟ ଦାସ, ଗୌତମ ଚନ୍ଦ୍ର କର, ଧରଣୀଧର ପଟ୍ଟନାୟକ, ନମିତା ମହାନ୍ତି ଯୋଗଦେଇଥିଲେ। ଖୋକନ କୁମାରଙ୍କ କଣ୍ଠରେ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ଗାନ ଶ୍ରୋତାଙ୍କୁ ମୁଗ୍ଧ କରିଥିଲା। ନିବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ସ୍ୱାର୍ଥ ପାଇଁ ବାଦ ବିବାଦ କରିବା ଅନୁଚିତ




## ପଙ୍କାଲରେ ତବଲିଗ୍ ଜଲସା

**ତିଗିରିଆ, ୧୭।୧୧ (ଜାଫର ଖାଁ)**

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଲଠାରେ ରବିବାର ସନ୍ଧ୍ୟାରେ ତବଲିଗ (ପ୍ରଚାର)ଜଲସା ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ପରିସ୍ଥିତିରେ ସ୍ୱାର୍ଥ ପାଇଁ ବାଦବିବାଦ କରିବା ଅନୁଚିତ ବୋଲି ମୁଖ୍ୟ ଅତିଥି କହିଥିଲେ। ଏଥିରେ ଜମାତ୍ ଅହମ୍ମଦିୟା କଟକର ସଭାପତି ଅବଦୁଲ ମାଲିକ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପବିତ୍ର କୋରାନ ଶ୍ଳୋକ ମୌଲାନା ତୟବ ଅହମ୍ମଦ ଖାଁ ପାଠ କରି ଏହାର ଅର୍ଥ ବୁଝାଇ ଥିଲେ। ପଙ୍କାଲ ଜାମା ମସ୍‌ଜିଦର ମୌଲାନା ସେକ୍ ନାସୀର ଉର୍ଦ୍ଦୁ କବିତା ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ଜମାତ୍ ଅହମ୍ମଦିୟା ଓଡିଶାର ପ୍ରଚାର ବିଭାଗର ମୁଖ୍ୟ ମୌଲାନା ସୟଦ ଫଜଲେ ନୟୀମି ଯୋଗଦେଇ ବର୍ତ୍ତମାନ ସାରା ବିଶ୍ୱ ନିଜର ସ୍ୱାର୍ଥ ପାଇଁ ବାଦବିବାଦ କରି ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରୁଛି। ଏପରି କରିବା ଅନୁଚିତ ବୋଲି ସେ କହିଥିଲେ। ଏହି ଅବସରରେ ମଜିଦ ଖାଁ ଓଡ଼ିଆ କବିତା ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ କଟକ ଜିଲା ଜମାତ ଅହମ୍ମଦିୟା ମୌଲାନା ସେକ୍ ଇସିହାକ,ସମ୍ମାନିତ ଅତିଥିଭାବେ ମୌଲାନା ଏହେସନ ଖାଁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଙ୍କାଲ ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ଜାଫର ଅଲ୍ଲୀ, ପୂର୍ବତନ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସମାଇଲ ଖାଁ, ରୋଶନ ଖାଁ, ସାଧାରଣ ସମ୍ପାଦକ ଅଫଜଲ ଅହମ୍ମଦ, ସରପଞ୍ଚଙ୍କ ପ୍ରତିନିଧି ମହେବୁବ ଅହମ୍ମଦ ଖାଁ, ଜୈନୁଲ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା କାର୍ତ୍ତିକେଶ୍ୱରଙ୍କ ଭସାଣି

**ତିଗିରିଆ, ୧୭।୧୧ (ଜାଫର ଖାଁ)**

ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାଠାରେ କାର୍ତ୍ତିକେଶ୍ୱର ପୂଜାର ସାମୂହିକ ଭସାଣି ରବିବାର ଶାନିଶୃଙ୍ଖଳାର ସହ ଶେଷ ହୋଇଛି। ଶନିବାର ସଂକ୍ରାନ୍ତି ଯୋଗୁ ଭସାଣି ହୋଇ ନ ଥିବା ବେଳେ ରବିବାର ବିନ୍ଧାଣିମା ହୋଇଥିବା ୧୮ଟି କାର୍ତ୍ତିକେଶ୍ୱରଙ୍କ ମେଢ଼କୁ ମା’ ଲୋଭୀଠାକୁରାଣୀଙ୍କ ପୀଠକୁ ନିଆଯାଇ ସାମୂହିକ ଭସାଣି ପର୍ବ ଆରମ୍ଭ ହୋଇଥିଲା। ବାଜା, ବାଣ, ରୋଶଣିରେ ମେଢ଼ଗୁଡ଼ିକ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ବିଭିନ୍ନ କମିଟି ପକ୍ଷରୁ ମେଢ଼ଗୁଡ଼ିକୁ ନିଜ ସାହିକୁ ନିଆଯାଇ ବିସର୍ଜନ କରାଯାଇଛି। ଏହି ଶୋଭାଯାତ୍ରାରେ ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ମାନସ ଜେନା, ଯାତ୍ରା ମହାସଂଘ ସଭାପତି ବିଭୂତି ଭୂଷଣ ବେହେରା, ସମ୍ପାଦକ ଅଭିମନ୍ୟୁ ଜେନା, ସହ ସମ୍ପାଦକ ଶରତ ରାଉତ , ମୃଣ୍ମୟ ଦାଶ, ଗ୍ରାମ୍ୟ କମିଟି ସଭାପତି ପ୍ରସନ୍ନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସତ୍‌ସଙ୍ଗ ପ୍ରଶାସକ ବିଙ୍କିଦାଙ୍କ କଟକ ଆଗମନ

କଟକ, ୧୭।୧୧ (କାର୍ତ୍ତିକ ସାହୁ)– ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ସଙ୍ଗଠନର ମୁଖ୍ୟ ପ୍ରଶାସକ ଡ. ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ (ବିଙ୍କିଦା) ରବିବାର କଟକ ଆଗମନ କରିଛନ୍ତି। ବକ୍ସିବଜାରସ୍ଥିତ ସତ୍‌ସଙ୍ଗ ବିହାରରେ କେତେଜଣ ଶ୍ରଦ୍ଧାଳୁ ତାଙ୍କଠାରୁ ସ୍ୱସ୍ତୟନୀ ବ୍ରତ ଗ୍ରହଣ କରିଥିଲେ। ଇଷ୍ଟୀପୂତ ଚଳନୀକୁ ପାଥେୟ କରି ଜୀବନରେ ଶାନ୍ତି, ସ୍ୱସ୍ତି ଲାଭ କରିବାକୁ ସେ ଶ୍ରଦ୍ଧାଳୁଙ୍କୁ କହିଥିଲେ। ବିଙ୍କିଦା ଚୌଦ୍ୱାର ସତ୍‌ସଙ୍ଗ ଉତ୍ସବରେ ଯୋଗଦେଇ କଟକ ଆଗମନ କରିଥିଲେ। ଏଠାରୁ ରାୟପୁରା, କସର୍ଦ୍ଦା ଦେଇ ଭୁବନେଶ୍ୱର ସତ୍‌ସଙ୍ଗ ବିହାର ପହଞ୍ଚିବାର କାର୍ଯ୍ୟକ୍ରମ ରହିଥିବା କଟକ ସତ୍‌ସଙ୍ଗ ବିହାର ପକ୍ଷରୁ ଜଣାପଡିଛି।

## କରାଟେ ଚାମ୍ପିୟନଶିପ୍‌ରେ ସେଣ୍ଟ ଜାଭିୟର ସ୍କୁଲର ସଫଳତା

କଟକ ସଦର, ୧୭।୧୧ (ସୁଶାନ୍ତ କୁମାର ଜେନା)– କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅଲ୍ ଇଣ୍ଡିଆ କରାଟେ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ସେଣ୍ଟ ଜାଭିୟର ସ୍କୁଲର ୧୧ଜଣ ଛାତ୍ରୀଛାତ୍ର ଭାଗନେଇ ଉଚ୍ଚକୋଟୀର କୌଶଳ ପ୍ରଦର୍ଶନ କରିଥିଲେ। ପୁରସ୍କାର ଆକାରରେ ବ୍ୟକ୍ତିଗତ ଭାବେ ଗୋଲ୍ଡ ମେଡାଲ ଓ ଦଳୀୟ ଭିତ୍ତିରେ ବ୍ରୋଞ୍ଜ ସିଲ୍ଡ ହାସଲ କରିଛନ୍ତି। ସ୍କୁଲ ପରିଚାଳନା କମିଟି ସମ୍ପାଦକ ନରେଶ ଚନ୍ଦ୍ର ଜେନା, ପରିଚାଳନା ନିର୍ଦ୍ଦେଶିକା ବୈଜୟନ୍ତୀ ଜେନା, କରାଟେ ପ୍ରଶିକ୍ଷକ ରଶ୍ମିରଞ୍ଜନ ଦାସ, ପ୍ରିନ୍ସିପାଲ ପ୍ରଫେସର ଖଲିକୁଜ ଜମାନ ଖାଁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଖଣି ବିଭାଗ ହାତକୁ ଯିବ ମହାପ୍ରଭୁଙ୍କ ଖଣି

ଖୋର୍ଦ୍ଧା,୧୭।୧୧(ପ୍ରଭାତ ପାଣିଗ୍ରାହୀ)

- ଶ୍ରୀମନ୍ଦିର ପ୍ରଶାସନ, ଖୋର୍ଦ୍ଧା ଜିଲାପାଳ, ଖଣି ଉପନିର୍ଦ୍ଦେଶକଙ୍କୁ ଚିଠି ଲେଖିଲା ରାଜ୍ୟ ଇସ୍ପାତ୍ ଓ ଖଣି ବିଭାଗ
- ୪ ବିଭାଗ କରିବେ ସର୍ଭେ, ୧୪ ମାନଦଣ୍ଡ ଧାର୍ଯ୍ୟ
- ୬ମାସରେ ମିଳିତ ଡ୍ରୋନ୍ ସର୍ଭେ, ଚୋରି ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରାୟ ୧୦୦ଟି ପଥର ଖଣି ରହିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ଲିଜ୍ ଦିଆଯାଇଥିବା ବେଳେ ତଦାରଖ ଦାୟିତ୍ୱ ଖୋର୍ଦ୍ଧା ଜିଲା ପ୍ରଶାସନ ହାତରେ ରହିଛି। ଏହି ଖଣିରୁ ହରିଲୁଟ୍ ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଅମୃତ ମଣୋହି ଲଘୁ ଖଣିଜ ସମ୍ପଦ ହରିଲୁଟ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ଅସନ୍ତୋଷ ପ୍ରକାଶ କରିବା ସହ ଶ୍ରୀମନ୍ଦିର ପ୍ରଶାସନକୁ ୧୨କୋଟି ଟଙ୍କା ଜରିମାନା କରିଥିଲେ। ନିକଟରେ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଧାର୍ଯ୍ୟଠାରୁ ଅଧିକ ଖଣି ଉତ୍ତୋଳନ ନେଇ ଖୋର୍ଦ୍ଧାର ୧୯ଜଣ ଲିଜ୍‌ଧାରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି ସହ ୨୨ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିଲେ। ଏପରିକି ଉପଜିଲାପାଳ ତଥା ଶ୍ରୀମନ୍ଦିର ପ୍ରଶାସନର କମ୍ପିଟେଣ୍ଟିଭ୍ ଅଥରିଟି ଦୀପ୍ତିରଞ୍ଜନ ସେଠୀ ଅଧିକ ଖଣି ଉତ୍ତୋଳନ ପାଇଁ ସଦର ଥାନାରେ ୫ ଖଣି ମାଲିକଙ୍କ ବିରୋଧରେ ପୃଥକ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୧୪ଖଣିକୁ ବ୍ଲାଷ୍ଟିଂ ଅନୁମତି ଦିଆଯାଇଥିବା ବେଳେ ବେଆଇନଭାବେ ଏକାଧିକ ଖଣିରୁ ମାଫିଆମାନେ ପଥର ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି। ସମ୍ପ୍ରତି ଶ୍ରୀମନ୍ଦିର ଖଣି ସୁରକ୍ଷା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏହି ଖଣିଗୁଡ଼ିକର ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ହସ୍ତାନ୍ତର ପାଇଁ ୧୪ ମାନଦଣ୍ଡ ଧାର୍ଯ୍ୟ କରିଛନ୍ତି ସରକାର। ଖଣିସୀମା ମାପଚୁପଠାରୁ ଖୁଣ୍ଟ ପୋତିବା ଯାଏ ଗାଇଡ୍‌ଲାଇନ ଜାରି ହୋଇଛି। ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ ପ୍ରଶାସକ, ଖୋର୍ଦ୍ଧା ଜିଲା ପ୍ରଶାସନ, ଉପଜିଲାପାଳ ଏବଂ ସ୍ଥାନୀୟ ଖଣି ଉପନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ଫଳରେ ଦୀର୍ଘ ବର୍ଷ ଧରି ଅଚଳ ହୋଇପଡ଼ିଥିବା ଏକାଧିକ ଖଣି ପୁଣି ନିଲାମ ହେବାର ବାଟ ଖୋଲିଛି। ସେହିପରି ଖଣି ଲୁଟ୍ ଉପରେ ଅଙ୍କୁଶ ଲାଗିବା ସହ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ପାଇବା ନେଇ ଆଶା ଉଜ୍ଜ୍ୱଳ ହୋଇଛି।

ନୂତନ ଗାଇଡ୍‌ଲାଇନ ଅନୁଯାୟୀ, ମହାପ୍ରଭୁଙ୍କ ନାଁରେ ଥିବା ସବୁ ଅଚଳ ଓ ସଚଳ ଖଣି ତାଲିକା ପ୍ରସ୍ତୁତ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ଏହାର ତାଲିକା ପ୍ରସ୍ତୁତ କରିବ। ଏହି ତାଲିକାକୁ ଭିତ୍ତିକରି ଖୋର୍ଦ୍ଧା ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ତହସିଲଦାର, ଖଣି ଅଧିକାରୀ, ଓରସାକ୍‌ର ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଜିପିଏସ୍ ସର୍ଭେ କରାଯିବ। ସର୍ଭେ ଅନୁଯାୟୀ ଖଣି ଚତୁଃପାର୍ଶ୍ୱରେ ଖୁଣ୍ଟ ପୋତାଯିବ। ଏହାର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିବ। କୌଣସି ଖଣିରେ ଅଧିକ ଉତ୍ତୋଳନ ହୋଇଥିଲେ କିମ୍ବା ଚୋରି ଧରାପଡ଼ିଲେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସର୍ଭେ ରିପୋର୍ଟ ପ୍ରସ୍ତୁତ ପରେ ଖଣି ବିଭାଗକୁ ଏହାର ହସ୍ତାନ୍ତର ପ୍ରକ୍ରିୟା କରାଯିବ। ଶ୍ରୀମନ୍ଦିରର ସମସ୍ତ ସମ୍ପତ୍ତି ନଥିପତ୍ର ବିଭାଗ ହାତକୁ ଆସିବା ପରେ ଏହାର ସୁରକ୍ଷା ଉପରେ ଖଣି ବିଭାଗ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବ। ଖଣିର ଲାଭାଂଶ ମହାପ୍ରଭୁଙ୍କ ଆକାଉଣ୍ଟରେ ପୈଠ କରାଯିବ। ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ଏବଂ ପରିବେଶ ପରିଚାଳନା ପାଣ୍ଠି (ଇଏମ୍ଏଫ୍)କୁ ଅଲଗା କରାଯିବ। ଖଣି ପରିଚାଳନା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଖଣି ଉପନିର୍ଦ୍ଦେଶକଙ୍କୁ କର୍ମଚାରୀ ଯୋଗାଇ ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ୩୦ଟି ଖଣି ପିଛା ଜଣେ କର୍ମଚାରୀଙ୍କୁ ନିଯୁକ୍ତି ପାଇଁ ଚିଠିରେ ଉଲ୍ଲେଖ ରହିଥିବା ବେଳେ ଖଣି ବିଭାଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତି ୬ ମାସରେ ଖଣିର ଡ୍ରୋନ ସର୍ଭେ କରାଯିବ।

### ଏମାନେ ଯାହା କୁହନ୍ତି...

" ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଖଣିଜ ସମ୍ପଦ ରହିଛି। ଏହାକୁ ଏବେ ଖଣି ବିଭାଗକୁ ହସ୍ତାନ୍ତର ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ କିପରି ସୁଚାରୁରୂପେ କାର୍ଯ୍ୟକାରୀ କରାଯିବ, ସରକାର ସେଥିପ୍ରତି ସଚେତନ ଅଛନ୍ତି। ଏହା ଦ୍ୱାରା ଖଣି ଚୋରିରେ ରୋକ ଲାଗିବା ସହ ରାଜସ୍ୱ ଆୟ ବୃଦ୍ଧି ପାଇବ।

**- ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧା ବିଧାୟକ**

" ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଖଣି ବ୍ୟାପକ ହରିଲୁଟ ଚାଲିଥିଲା। ଏବେ ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହା ଦ୍ୱାରା ଖଣି ଚୋରି ଉପରେ ରୋକଲାଗିପାରିବ। ମଧୁଚନ୍ଦ୍ରିକାରେ ଚାଲିଥିବା ମାଫିଆଙ୍କ ରାଜୁତିର ଅନ୍ତ ଘଟିବ। ଏଥିଲାଗି ସରକାର ନିର୍ଦ୍ଦିଷ୍ଟ ନିୟମାବଳୀ ଆଣିଛନ୍ତି। ସରକାର, ଶ୍ରୀମନ୍ଦିର ପ୍ରଶାସନ ଖାତାକୁ ରାଜସ୍ୱ ବଢ଼ିବା ସମ୍ଭାବନା ରହିଛି।

**-ଅଜିତ୍ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ**

" କେବଳ ଗାଇଡ୍‌ଲାଇନ ଜାରି କରିଦେଲେ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ସୁରକ୍ଷିତ ହୋଇଯିବନି। ଏଥିଲାଗି ସ୍ୱଚ୍ଛତା, ନିରପେକ୍ଷତା ଜରୁରୀ। ଖଣି ହରିଲୁଟ ପଛରେ ମାଫିଆଙ୍କୁ ପ୍ରୋତ୍ସାହିତ କରୁଥିବା ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଶ୍ରୀଜଗନ୍ନାଥ ସମ୍ପତ୍ତି ସୁରକ୍ଷା ନେଇ ସରକାର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ।

**- ଶିଶିର ପରିଡା, ବରିଷ୍ଠ କଂଗ୍ରେସ ନେତା**

# ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ ହେଉ



କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ବୋଧନ ଦେଉଛନ୍ତି।

ଟାଙ୍ଗୀ,୧୭।୧୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ମା'ରତ୍ନମାଳି ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପରେ ଗଣତନ୍ତ୍ରରେ 'ଗଣମାଧ୍ୟମର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାମଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପାରାଦୀପ ଅଞ୍ଚଳ କୈବର୍ତ୍ତ ସଂଘ ମୁଖ୍ୟ ତଥା ଶିଳ୍ପପତି ପ୍ରହ୍ଲାଦ ବେହେରା, ସାମାଜସେବୀ ସୁବର୍ଣ୍ଣ ସିଂ, ଉପସଭାପତି ଦୁର୍ଗା ପ୍ରସାଦ ଦାଶ, ସମ୍ପାଦକ ସରୋଜ କୁମାର ପାଇକରାୟ ପ୍ରମୁଖ ଯୋଗଦେଇ କହିଥିଲେ, ସୁସ୍ଥ ଗଣତନ୍ତ୍ର ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରମୁଖ ଭୂମିକା ରହିଛି। ମୁଖ୍ୟ ଅତିଥି ପାଢ଼ୀ ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମେଡିକାଲ କଲେଜରେ ରୂପାନ୍ତରିତ କରିବା, ଚିଲିକାକୁ ଅଣମତ୍ସ୍ୟଜୀବୀଙ୍କ କବଳରୁ ରକ୍ଷା କରିବା, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ପୂରଣ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ ସୁରକ୍ଷା ଆଇନ ଆଣିବା ପାଇଁ ଦାବି ରଖିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଅଗ୍ରଣୀ ଚାଷୀ ଘାସୁ ମାଝୀ, ତବଲା ବାଦକ ସଞ୍ଜୟ ନାୟକ, କୈବର୍ତ୍ତ ସଂଘ ସମ୍ପାଦକ ପ୍ରହ୍ଲାଦ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ସତ୍ୟ ମହାପାତ୍ର ସଂଯୋଜନା କରିଥିଲେ। ପ୍ରବକ୍ତା ମଦନ ସୁନ୍ଦର ସାହୁ, ସହ ସମ୍ପାଦକ ଯଦୁମଣି ବେହେରା, ଆବାହକ ସୁଧୀର କୁମାର ବେହେରା, କୋଷାଧ୍ୟକ୍ଷ କମଳ ଲୋଚନ ପାଇକରାୟ, ଶୁଭ୍ର ରଞ୍ଜନ ସାହୁ, ଅନନ୍ତ ପ୍ରଧାନ, ରିନା ସାହୁ, ସନ୍ତୋଷ ପରିଡ଼ା, ରାକେଶ ମହାନ୍ତି, ରାକେଶ ଜଗଦେବ, ଅଭିଜିତ ଦାଶ, ସୂର୍ଯ୍ୟକାନ୍ତ ସାହୁ, ବାଲୁଙ୍କେଶ୍ୱର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜଳିଗଲା ୨ ବଖରା

କୃଷ୍ଣପ୍ରସାଦ,୧୭।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡଖାଡ଼ ଗ୍ରାମରେ ଅଗ୍ନିକାଣ୍ଡ ଘଟି ବାଲୁଙ୍କେଶ୍ୱର ସାହୁଙ୍କ ୨ବଖରା ଜଳିଯାଇଛି। ଖବରପାଇ ମାଲୁଦ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ସହ ଧାନ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଅଗ୍ନି ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଖୋର୍ଦ୍ଧା ଓୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

ଖୋର୍ଦ୍ଧା,୧୭।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସୂଚନା ଭବନ ପରିସରରେ ଖୋର୍ଦ୍ଧା ଜିଲା ୟୁନିୟନ ଅଫ୍ ଜର୍ନାଲିଷ୍ଟ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଜିଲା ଓୟୁଜେର ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଖୋର୍ଦ୍ଧା ଜିଲା ଓୟୁଜେ ସଭାପତି ତପନ ନାୟକ ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ବିଷୟ ଉପରେ ଆଲୋକପାତ କରିଥିଲେ। ଜାତୀୟ ପ୍ରେସ୍ ଦିବସର ଗୁରୁତ୍ୱକୁ ନେଇ ସାମ୍ବାଦିକମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ ରାଜ୍ୟ ଓୟୁଜେର ସମ୍ପାଦକ ପ୍ରସନ୍ନ ପାଇକରାୟ। ମୁଖ୍ୟ ବକ୍ତାଭାବେ ବଳରାମ ଲେଙ୍କା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଓୟୁଜେର ବରିଷ୍ଠ ସଦସ୍ୟ ସନତ୍ ପଟ୍ଟନାୟକ, ଉପସଭାପତି ସୟଦ ଅନ୍‌ସର ଅଲ୍ଲୀ, ଶୁଭଲକ୍ଷ୍ମୀ ସାମନ୍ତରାୟ, ଚନ୍ଦନ ସୁନ୍ଦରାଏ, ସନ୍ଦୀପ ବର୍ମନ, ଅଜିତ ମିଶ୍ର, ସେକ୍ ଅନୁଅର ଅଲ୍ଲୀ, ଲକ୍ଷ୍ମୀନାରାୟଣ ମହାପାତ୍ର, ରମେଶ ସାମନ୍ତରାୟ, ଦୁର୍ଗାପ୍ରସାଦ ଦାସ, କମଳଲୋଚନ ପାଇକରାୟ, ତ୍ରିଲୋଚନ ବାଘସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜାଗ୍ରତ ହୁଅନ୍ତୁ, ମୂଲ୍ୟବାନ୍ ଜୀବନ ବଞ୍ଚାନ୍ତୁ



ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୧୭।୧୧
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର

ବେଗୁନିଆ ସଦର ମହକୁମା ସ୍ଥିତ ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ରବିବାର 'ସଡକ ସୁରକ୍ଷା ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ସଂଘର ସଭାପତି ହିମାଂଶୁ ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥର ବେଗୁନିଆ ବ୍ଲକ ଛକଠାରେ ଜନ ଜାଗରଣ ସୃଷ୍ଟି କରାଯାଇଥିଲା। ସଂଘର ସମସ୍ତ ସଭ୍ୟମାନେ 'ସଡକ ସୁରକ୍ଷା, ଜୀବନ ରକ୍ଷା', 'ଦ୍ରୁତ ଗତି ମହାବିପତି' ଆଦି ଅନେକ ବାର୍ତ୍ତା ନେଇ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିଯାନକୁ ଶୁଭାରମ୍ଭ କରିଥିଲେ। ବେଗୁନିଆ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲୀପ କୁମାର ରାୟ, ନୂଆସାହି ଜଗନ୍ନାଥ ମନ୍ଦିର କମିଟି ସଭାପତି ଦୀନବନ୍ଧୁ ଦାଶ, ଶିକ୍ଷାବିତ୍ ଭାଗୀରଥି ପରିଡା, ପ୍ରଦିପ୍ତ କୁମାର ଦାସ, ଅକ୍ଷୟ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଦ୍ରୁତ ଗାଡି ଚାଳନା ନେଉଛି ଜୀବନ। ରାସ୍ତାରେ ଗମନାଗମନ ବେଳେ ନିୟମକୁ ମାନିବା ସହିତ ମନ୍ଥର ଗାଡି ଚାଳାଇବା ଜରୁରୀ। ସେହିପରି ସିଟ୍ ବେଲ୍ଟ ବ୍ୟବହାର, ଗାଡି ଚଳାଇବା ବେଳେ ମୋବାଇଲ ଫୋନକୁ ବାରଣ, ହେଲମେଟ ବ୍ୟବହାର ବାଧ୍ୟତାମୂଳକ ଆଦି ଅନେକ ସଚେତନତା ବାର୍ତ୍ତା ସମ୍ପର୍କରେ ଥାନା ଅଧିକାରୀ ପଣ୍ଡା ଏବଂ ଏସଆଇ ପ୍ରତିଭା ଭୋଇ ମତବ୍ୟକ୍ତ କରିଥିଲେ। ସଡ଼କ ସୁରକ୍ଷା ଆଇନକୁ ଅବମାନନା କରି ଗମନାଗମନ କରୁଥିବା ପଥାଚାରୀଙ୍କୁ ଗୋଲାପ ଫୁଲ ଦିଆଯାଇ ମୂଲ୍ୟବାନ ଜୀବନ ବଞ୍ଚାଇବାକୁ ନିବେଦନ କରାଯାଇଥିଲା। ସଂଘ ଉପଦେଷ୍ଟା ଦିବାକର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସମ୍ପାଦକ ଗଙ୍ଗାଧର ମାର୍ଥା ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ର ସେବାରେ ବ୍ରତୀ ହୁଅନ୍ତି କବି, ସୁସାହିତ୍ୟିକ

ବେଗୁନିଆ,୧୭।୧୧
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକର ସାହିତ୍ୟାନୁଷ୍ଠାନ ମିଳିତ ସାହିତ୍ୟ ସଂସଦ ପକ୍ଷରୁ ରବିବାର ସାରସ୍ୱତ ଆସର ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଡ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ୧୨୦ଜଣ କବି, କବୟିତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ, ସୁସାହିତ୍ୟିକ ଏବଂ କଳାକାର ଯୋଗଦେଇ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହ କବିତା ପାଠ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଗୁରୁପ୍ରସାଦ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତାଭାବେ ସାହିତ୍ୟିକ ବିଜୟ ମହାନ୍ତି, ଗୀତିକବି ବିପିନ ମହାନ୍ତି, ସମ୍ପାଦକ ଅଖିଳେଶ ମହାପାତ୍ର, ସନ୍ତୋଷ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ପ୍ରଫୁଲ୍ଲ ଦେଉରି ଭଜନ ପରିବେଷଣ କରିଥିବା ବେଳେ ଆୟୋଜକ ସଂସଦର ସଭାପତି ରାଜ କିଶୋର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ମାଧୁର୍ଯ୍ୟ ବିଶ୍ୱ ଦରବାରରେ ଖ୍ୟାତି ଅର୍ଜନ କରିଛି। କବି, ସାହିତ୍ୟିକ ଏବଂ ଲେଖକମାନେ ସଦାସର୍ବଦା ରାଷ୍ଟ୍ରର ସେବାରେ ନିଜକୁ ଉତ୍ସର୍ଗ କରନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ପୁସ୍ତକ 'ଅମୃତ ବିନ୍ଦୁ' ଏବଂ 'ପ୍ରୀତି ପସରା' ଉନ୍ମୋଚିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, କବି ପ୍ରସନ୍ନ ମଣ୍ଡଳ, ସାମାଜିକ କର୍ମୀ ଭିକାରି ସାହୁ ଏବଂ ପଟ୍ଟଚିତ୍ର ଶିଳ୍ପୀ ଜଗଜ୍ଜୀବନ ପାଇକରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଲୀପ ପାଣିଗ୍ରାହୀ, ଶ୍ରୀକାନ୍ତ ବାହିନୀପତି, ମାନସ ରଞ୍ଜନ ଦାଶ, ନରସିଂହ ପାଣିଗ୍ରାହୀ, ଦିପୁ ଦାଶ, ସୌମ୍ୟରଞ୍ଜନ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପୂର୍ବତନ ସରପଞ୍ଚ ନରେନ୍ଦ୍ର ମହାନ୍ତିଙ୍କ ସ୍ମୃତିଚାରଣ

ଟାଙ୍ଗୀ,୧୭।୧୧(ରଘୁନାଥ ସାହୁ)

କେରେଣ୍ଡାଟାଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ନୂଆପଡା ଗ୍ରାମର ସାମାଜିକକର୍ମୀ ତଥା ପୂର୍ବତନ ସରପଞ୍ଚ ନରେନ୍ଦ୍ର କୁମାର ମହାନ୍ତିଙ୍କ ଦ୍ୱାଦଶାହ ଦିବସରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚାନ୍ଦପୁର ପୂଜ୍ୟପୂଜା ପରିଷଦ ସଭାପତି ପୂର୍ବତନ ବିଚାରପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପୂର୍ବତନ ଏମି ବ୍ରଜ କିଶୋର ତ୍ରିପାଠୀ, ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର, ନୟାଗଡ଼ ଜିଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ ଗିରିଜାକାନ୍ତ ମହାପାତ୍ର, ସତ୍ୟ ନାରାୟଣ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର ପଞ୍ଚଦଶ ଅଧ୍ୟାୟ ଗୀତା ପାଠ କରିଥିଲେ। ପୂଜ୍ୟପୂଜା ପରିଷଦ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଜଟଣୀ,୧୭।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଗଜପତି ନଗରସ୍ଥିତ ମା'ଭଗବତୀ ମନ୍ଦିର ନିକଟରେ ରବିବାର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି, ରୋଟାରୀ କ୍ଲବ ଜଟଣୀ ଏବଂ ଶ୍ରୀପଲିକ୍ଲିନିକର ମିଳିତ ସହଯୋଗରେ ୧୦୦ଜଣ ଲୋକଙ୍କ ମଧୁମେହ ପରୀକ୍ଷା କରାଯିବା ସହିତ ଡାକ୍ତର ରୋଗୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧିବକ୍ତା ଚିତ୍ତରଞ୍ଜନ ଦଳେଇ, ଜିତେନ୍ଦ୍ର କୁମାର ପରିଡା, ଅରୁଣ କୁମାର ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ସୋମନାଥ ପଟ୍ଟନାୟକ, ବାସୁଦେବ ସେଠୀ, ଶିବପ୍ରସାଦ ମହାପାତ୍ର, ସଞ୍ଜୟ ସାହୁଙ୍କ ସମେତ ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# କାର୍ତ୍ତିକେଶ୍ୱର ମହୋତ୍ସବ ଉଦ୍‌ଯାପିତ

କଳାପଥର,୧୭।୧୧(ଗଙ୍ଗାଧର ସାହୁ)

ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡ଼ି ଗ୍ରାମର ଗୁଣ୍ଡିଚା ପଡ଼ିଆଠାରେ ୫ଦିନ ଧରି ଚାଲିଥିବା କାର୍ତ୍ତିକେଶ୍ୱର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମର କଳା, ସାହିତ୍ୟ ଓ ସଂସ୍କୃତି ସହିତ ପୂଜ୍ୟପୂଜାର ମହାନ ପରମ୍ପରାକୁ ଏହି ମହୋତ୍ସବ ଅକ୍ଷୁର୍ଣ୍ଣ ରଖିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ସମ୍ମାନିତ ଅତିଥି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଏନ୍‌ଏସି କାଉନସିଲର ସନାତନ ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସୂର୍ଯ୍ୟନାରାୟଣ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ରଗଡ଼ି ପଞ୍ଚାୟତର ସମିତିସଭ୍ୟ ଭାଗୀରଥି ପାଣି ଧନ୍ୟବାଦ ଦେଇଥିଲେ।

# ଫାର୍ମାସିଷ୍ଟ ସଂଘର ଜିଲାସ୍ତରୀୟ କର୍ମଶାଳା



ନିରାକାରପୁର,୧୭।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାଉତପଡ଼ା ପଞ୍ଚାୟତ ମୁକ୍ତିଝରଗଡ଼ଠାରେ ଥିବା ମା'ଉଗ୍ରତାରାଙ୍କ ପୀଠରେ ଓଡ଼ିଶା ଫାର୍ମାସୀ ଅଫିସର ସର୍ଭିସ ଆସୋସିଏଶନ ପକ୍ଷରୁ ୬୩ତମ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରବୀନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଟାଙ୍ଗୀ ବ୍ଲକ ଖବରଦାତା ସଂଘର ସଭାପତି ପଦ୍ମନାଭ ବିଶ୍ୱାଳ, ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଅଜୟ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜିତ ସଭାରେ ଉପସ୍ଥିତ ଫାର୍ମାସିଷ୍ଟମାନେ ସମସ୍ୟା ସମ୍ପର୍କରେ ଜଣାଇବା ସହ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୮୦ରୁ ଉର୍ଦ୍ଧ୍ୱ ଫାର୍ମାସିଷ୍ଟ ଯୋଗଦେଇଥିଲେ। ଫାର୍ମାସିଷ୍ଟ ଶକ୍ତିନାଥ ତରାଇ ଧନ୍ୟବାଦ ଦେଇଥିଲେ। ବନମାଳିପୁର ମେଡିକାଲର ଫାର୍ମାସିଷ୍ଟ ନିରଞ୍ଜନ ସେଠୀଙ୍କୁ ସଂଘ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍, ବରିଷ୍ଠ ନାଗରିକ ଏବଂ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟାଙ୍ଗୀ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଗଣେଶ ମହାରଣା, ସୀମାଞ୍ଚଳ ସାହୁ, ପ୍ରଦୀପ ପ୍ରଧାନଙ୍କ ସମେତ ସମସ୍ତ ଫାର୍ମାସିଷ୍ଟ ସହଯୋଗ କରିଥିଲେ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ୧୫ ପ୍ରକଳ୍ପ

ବୋଲଗଡ,୧୭।୧୧(ଦେବବ୍ରତ ହୋତା)



ହରିପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ପ୍ରଦୀପ୍ତ ସାହୁ ଏବଂ ଶିକ୍ଷୟିତ୍ରୀ ବନ୍ଦନା ମାନ୍ଧାତାଙ୍କ ତତ୍ତ୍ୱାବଧାନରେ ମୋଟ୍ ୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ୪ଟି ପ୍ରକଳ୍ପ ମଣ୍ଡଳସ୍ତରକୁ ମନୋନୀତ ହୋଇଛି। ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ପାଇଁ ପ୍ରଧାନଶିକ୍ଷକ ଧ୍ରୁବାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବୋଲଗଡ଼ ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ ଯୋଗଦେଇ ଏହି କୁନି ପିଲାମାନେ ନିଜର ଜିଜ୍ଞାସା ବଳରେ ଭବିଷ୍ୟତରେ ବୈଜ୍ଞାନିକ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଲୋଚନ ବେହେରା ଓ ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରଶେଖର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ପ୍ରଧଶିକ୍ଷକ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଶିକ୍ଷକ ଗୌର ଚନ୍ଦ୍ର ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ କୃତୀ କୁନି ବୈଜ୍ଞାନିକମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମିନତି ଦଳାଲ ଧନ୍ୟବାଦ ଦେଇଥିଲେ।

# ଏନ୍‌ଏଚ୍ ନିର୍ବାହୀଯନ୍ତ୍ରୀଙ୍କୁ ଓଏଚ୍‌ଆର୍‌ସିଙ୍କ କାରଣ ଦର୍ଶାଅ ନୋଟିସ

ବେଗୁନିଆ,୧୭।୧୧(ସନ୍ଧ୍ୟାରାଣୀ ମିଶ୍ର)

## ରଣଶଙ୍ଖ (ପୋଲ) ସଙ୍କୀର୍ଣ୍ଣ ଏବଂ ପୁନଃନିର୍ମାଣ ପ୍ରସଙ୍ଗ

୫୭ନମ୍ବର ଜାତୀୟ ରାଜପଥ(ଏନ୍‌ଏଚ୍)ର ବାଘମାରୀ-ସାରୁଅ ମଧ୍ୟବର୍ତ୍ତୀ ସ୍ଥାନରେ ରଣଶଙ୍ଖ (ପୋଲ) ସଙ୍କୀର୍ଣ୍ଣ ଏବଂ ପୁନଃନିର୍ମାଣ ପ୍ରସଙ୍ଗରେ ଓଡ଼ିଶା ମାନବ ଅଧିକାର ଆୟୋଗ(ଓଏଚ୍‌ଆର୍‌ସି) ଜାତୀୟ ରାଜପଥ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସୂଚନା ମୁତାବକ, ୧୯୫୦ ମସିହାରେ ନିର୍ମାଣ ହୋଇଥିବା ଖୋର୍ଦ୍ଧା-ବଲାଙ୍ଗୀର ରାଜ୍ୟ ରାଜପଥ ୨୨୪ ନମ୍ବର ଜାତୀୟ ରାଜପଥର ମାନ୍ୟତା ପାଇଥିଲା। ପରବର୍ତ୍ତୀ ସମୟରେ ଏହି ଜାତୀୟ ରାଜପଥ ୫୭ନମ୍ବର ଜାତୀୟ ରାଜପଥରେ ପରିଣତ ହୋଇଥିଲା। ବାଘମାରୀ-ସାରୁଅ ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ରଣଶଙ୍ଖ ଉକ୍ତ ସମୟରେ ଓସାର ୧୦ଫୁଟ ଓ ଲମ୍ବ ୧୫ମିଟର ମଧ୍ୟରେ ନିର୍ମାଣ ହୋଇଥିଲା। ଏହି ସଂକୀର୍ଣ୍ଣ ରଣଶଙ୍ଖ ଦେଇ ଏବେ ପ୍ରତ୍ୟହ ଯାନବାହନ ଯାତାୟାତ କରୁଥିବା ବେଳେ ଏଠାରେ ଦୁର୍ଘଟଣା ଘଟି ୭୪ବର୍ଷ ମଧ୍ୟରେ ୭୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି ଶଙ୍ଖର ପୁନଃ ନିର୍ମାଣ ପାଇଁ ୨୦୧୪ ମସିହାରେ ବାଘମାରୀ ଗ୍ରାମର ସାମାଜିକକର୍ମୀ ସନ୍ତୋଷ କୁମାର ପଣ୍ଡା ଜାତୀୟ ରାଜପଥ ବିଭାଗ ନିକଟରେ ଅଭିଯୋଗ କରିବା ପରେ ବିଭାଗ ରଣଶଙ୍ଖଟିକୁ କେବଳ ମରାମତି କରି ଛାଡ଼ିଦେଇଥିଲେ। କିନ୍ତୁ ସୂଚନା ଅଧିକାର ଆଇନ ଅନୁସାରେ ମିଳିଥିବା ତଥ୍ୟ ଅନୁଯାୟୀ, ଶଙ୍ଖର ବର୍ଦ୍ଧିତ ଓସାର ୪୦ଫୁଟ ଓ ୨୬ମିଟର ଲମ୍ବ ହେବା ଆବଶ୍ୟକ। ଜାତୀୟ ରାଜପଥର ମାନ୍ୟତା ପାଇବା ପରେ ଉକ୍ତ ରାସ୍ତାରେ ଯାନବାହନ ଯାତାୟାତ ମଧ୍ୟ ବୃଦ୍ଧି ପାଇଛି। ତେବେ ବିଭାଗ ପୁରୁଣା ସଂକୀର୍ଣ୍ଣ ଶଙ୍ଖକୁ ଭାଙ୍ଗି ନୂଆ ଶଙ୍ଖ ନିର୍ମାଣ କରିବା ଆବଶ୍ୟକ ଥିବା ବେଳେ ହୋଇନାହିଁ। ଆଗାମୀ ଦିନରେ ଏଠାରେ ପୁଣି ଅଘଟଣ ନ ଘଟିବ ତାହା କେହି କହି ପାରିବେ ନାହିଁ। ଏନେଇ ସାମାଜିକକର୍ମୀ ପଣ୍ଡା ଜିଲାପାଳ ଏବଂ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ଗୁରୁତ୍ୱକୁ ଉପଲବ୍ଧି କରି ଓଏଚ୍‌ଆର୍‌ସି ଜାତୀୟ ରାଜପଥ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି ନମ୍ବର ୨୬୯୦/୨୪ରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଆସନ୍ତା ୨୧ ତାରିଖକୁ ଅଭିଯୋଗ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ଅନ୍ୟପଟେ ଜିଲାପାଳ ତାଙ୍କର ଚିଠି ନମ୍ବର ୨୨୫୦ରେ ଅଗଷ୍ଟ ୨୮ତାରିଖରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଆଇନ ଅନୁସାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ଦେବଦମ୍ପତିଙ୍କ ବିବାହ ଉତ୍ସବ**

ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ)-ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ପାଟସୁନ୍ଦରପୁର ଗ୍ରାମରେ ରାଧାକୃଷ୍ଣଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଯାଇଛି। ବୈଦିକ ରୀତିନୀତିରେ ଦେବଦମ୍ପତିଙ୍କ ପବିତ୍ର ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠାଷ୍ଟମୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ କୃଷ୍ଣଙ୍କ ବିଭିନ୍ନ ନୀତି ଅନୁଷ୍ଠିତ ହେବା ପରେ ପୂର୍ଣ୍ଣିମାଦିନ ବର ମଙ୍ଗୁଳାଠାରୁ ଆରମ୍ଭ କରି ହାତଗଣ୍ଠି ପର୍ଯ୍ୟନ୍ତ ସମସ୍ତ ନୀତି ଆଧାତ୍ମିକ ପରିବେଶରେ ସମାପନ ହୋଇଛି। ୫ଦିନ ବ୍ୟାପୀ ବିବାହ ଉତ୍ସବ ଆୟୋଜିତ ହୋଇଥିଲା। କନ୍ୟା ପିତାଙ୍କ ପକ୍ଷରୁ ଯଥାସମ୍ଭବ ଭାର ପ୍ରଦାନ କରାଯାଇଥିଲା। ବରପିତା ଶ୍ରୀକାନ୍ତ ଦଳାଇ, ମାତା ଉଲ୍ଲିପି ଦଳାଇ ଓ କନ୍ୟାପିତା ଅଧିକାରୀ ବେହେରା ଓ ମାତା ସ୍ୱର୍ଣ୍ଣଲତା ବେହେରା କାର୍ଯ୍ୟନିର୍ବାହ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୭।୧୧।୨୦୨୪

| | |
|---|---|
| ୭,୧୩,୦୩୮ ଟଙ୍କା | |
| ସୁନା | ୨.୩୯୦ ଗ୍ରାମ୍ |
| ରୁପା | ୫୯ ଗ୍ରାମ୍ |

## ସଂକ୍ଷେପରେ

### ଅଜଣା ରୋଗରେ ବୁଲାଗାଈଙ୍କ ମୃତ୍ୟୁ

କଣାସ,୧୭।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ଅଜଣା ରୋଗରେ ବୁଲା ଗାଈଙ୍କ ମୃତ୍ୟୁ ହେଉଥିବା ଦେଖିବାକୁ ମିଳୁଛି। ଶାସନ ଗ୍ରାମ ନିକଟରେ ୮ ଦିନ ମଧ୍ୟରେ ୪ ବୁଲା ଗାଈଙ୍କ ମୃତ୍ୟୁ ହୋଇଥିବାବେଳେ ଗୋଟିଏ ଗାଈ ମୃତ୍ୟୁ ସହିତ ସଂଗ୍ରାମ କରୁଛି। କଣାସ ବ୍ଲକର କଣାସଠାରେ ମୁଖ୍ୟ ପ୍ରାଣୀ ଚିକିତ୍ସାକେନ୍ଦ୍ର ଥିବାବେଳେ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୧ଟି ପ୍ରାଥମିକ ପ୍ରାଣୀ ଚିକିତ୍ସାକେନ୍ଦ୍ର ରହିଛି। ସେଥିମଧ୍ୟରୁ ୯ଟି ପ୍ରାଥମିକ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ପ୍ରାଣୀ ଚିକିତ୍ସକ ନ ଥିବାରୁ କେନ୍ଦ୍ରଗୁଡ଼ିକରେ ତାଲା ଝୁଲୁଛି। ଫଳରେ ଗୋ-ଚାଷୀ ଡାକ୍ତରଙ୍କ ସହିତ ପରାମର୍ଶ କରିପାରୁନାହାନ୍ତି। କଣାସଠାରେ ଥିବା ମୁଖ୍ୟ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ମୁଖ୍ୟ ପ୍ରାଣୀ ଚିକିତ୍ସକ ପଦବୀ ଖାଲିପଡ଼ିଛି। ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡାକ୍ତର ଅନୁଗତ ଜେନା କହିଛନ୍ତି, ସେ ଗାଈ ମୃତ୍ୟୁ ସମ୍ପର୍କରେ ଖବର ପାଇଛନ୍ତି। ସୋମବାର ଶାସନ ଗ୍ରାମକୁ ଯାଇ ବୁଲା ଗୋରୁଙ୍କୁ ପରୀକ୍ଷା କରିବେ।

### ପ୍ରାଚୀ ବୋଇତ ବନ୍ଦାଣ ଉତ୍ସବ

ଅସ୍ତରଙ୍ଗ,୧୭।୧୧(ମମତା ଜେନା)

ଦେଉଳି ମଠ ସଂଲଗ୍ନ ଘାଟରେ ବିଶ୍ୱହିନ୍ଦୁ ପରିଷଦ ଓ ଦେଉଳି ମଠ ଟ୍ରଷ୍ଟ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରଥମ ବାର୍ଷିକ 'ବୋଇତ ବନ୍ଦାଣ ଉତ୍ସବ-୨୦୨୪' ପାଳିତ ହୋଇଯାଇଛି। ବ୍ରହ୍ମ ମୁହୂର୍ତ୍ତରୁ ପ୍ରଭୁ ବାସୁଦେବ ଓ ପତିତପାବନ ଦେବଙ୍କ ସ୍ନାନ ଓ ମାର୍ଜନାଦି କରାଯାଇଥିଲା। ମଠରେ ହବିଷ ବ୍ରତ କରିଥିବା ମାତୃମଣ୍ଡଳୀଙ୍କ ଦ୍ୱାରା ବୃନ୍ଦାବତୀ ପୂଜା, କାର୍ତ୍ତିକ ମାହାତ୍ମ୍ୟ ପାଠ, ପ୍ରାଚୀ ଆଳତି ଓ ଗୋମାତା ବନ୍ଦାପନା ପରେ ବୋଇତ ବନ୍ଦାଣ ପର୍ବ ପାଳିତ ହୋଇଥିଲା। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର ମାର୍ଗଦର୍ଶନ ଓ ଯୁବ ସଙ୍ଗଠକ ରଜନୀ ରଞ୍ଜନ ମଲ୍ଲିକ ସଂଯୋଜନା କରିଥିଲେ। ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସଙ୍ଗଠକ ଉମାଶଙ୍କର ଆଚାର୍ଯ୍ୟ, ପୁରୀ ଜିଲା ସମ୍ପାଦକ ରଘୁନାଥ ମହାପାତ୍ର, କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ। କାକଟପୁର ପ୍ରଖଣ୍ଡ ସଭାପତି କାବୁଲା ବିଶ୍ୱାଳ, ଜଗନ୍ନାଥ ପଞ୍ଚରାତ୍ର କମିଟି ସଭାପତି କଲ୍ୟାଣ ସାହୁ, ମଙ୍ଗଳା ମନ୍ଦିର ସେବାୟତ ମିହିର ରଞ୍ଜନ ଦୀକ୍ଷିତ, ପ୍ରବାସ ପୃଷ୍ଟି, ଚିନ୍ମୟ ମଲ୍ଲିକ ପ୍ରମୁଖ ଉପସ୍ଥିତଥିଲେ। ପ୍ରାଚୀନଦୀ ତଟରେ ଥିବା ପୁରାତନ ମଠ ମନ୍ଦିର ପୁନରୁଦ୍ଧାର ଉପରେ ଅତିଥି ମତ ରଖିଥିଲେ। ଦେଉଳି ମଠ ଡେଭେଲପମେଣ୍ଟ ଚାରିଟେବୁଲ ଟ୍ରଷ୍ଟ ସଭାପତି ସମାଜ ସଂସ୍କାରକ କାଳୀପ୍ରସାଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

ଅସ୍ତରଙ୍ଗ,୧୭।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଓ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଦେବୀନଦୀ ପଠାରେ ଉଦ୍‌ଘାଟିତ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କୁନି କୁନି ପ୍ରତିଭା ନୃତ୍ୟ ପରିବେଷଣ କରିଥିଲେ। ପାରାଦୀପର ସାଗରିକା କଳାନିକେତନ କଳାକାରଙ୍କ ସଙ୍ଗୀତ ପରିବେଷଣରେ ଦର୍ଶକ ଝୁମିଥିଲେ। ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ସଭାପତି ବିଜୟ କୁମାର ପଡ଼ିଆରୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସାଦ ଜେନା, ଜଗତ୍‌ସିଂହପୁର ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ନାଉଗାଁ ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଜିଲା ପରିଷଦ ସଭ୍ୟା ଚୁନିଲତା ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଯୁବଶକ୍ତି ହେଉଛନ୍ତି ରାଷ୍ଟ୍ରର ପ୍ରାଣକେନ୍ଦ୍ର



ଅତିଥିଙ୍କ ଗହଣରେ ପୁରସ୍କାର ସହ ଛାତ୍ରୀଛାତ୍ରମାନେ।

**ଚତୁର୍ଦ୍ଦଶତମ ଯୁବ ମହୋତ୍ସବ ଉଦ୍‌ଯାପିତ**

- କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଅଗରତାଳା ପ୍ରଥମ
- କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଦ୍ୱିତୀୟ

ପୁରୀ,୧୭।୧୧(ଅଜିତ୍ କୁମାର ମହାନ୍ତି):

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ତ୍ରି-ଦିବସୀୟ ଚତୁର୍ଦ୍ଦଶତମ ଯୁବ ମହୋତ୍ସବ-୨୦୨୪ (ଚତୁର୍ଥ ବଳୟ) କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ମାର୍ଗଦର୍ଶନ ଏବଂ ପରିସରର ନିର୍ଦ୍ଦେଶକ ତଥା ପ୍ରଫେସର ବନମାଳି ବିଶ୍ୱାଳଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ଡ. ସୁଶାନ୍ତ କୁମାର ରାୟ ସ୍ୱାଗତ ଭାଷଣ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ରାଷ୍ଟ୍ରୀୟ ସଂଯୋଜକ ପ୍ରଫେସର ମଦନ ମୋହନ ଝା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥା ସଂସଦୀୟ ବ୍ୟାପାର ଏବଂ ସୂଚନା ତଥା ପ୍ରାଦ୍ୟୋଗିକ ବିଭାଗ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ମଞ୍ଚାସୀନ ଥିଲେ। ବିଶିଷ୍ଟ ଅତିଥି ଭାବେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ପ୍ରାକ୍ତନ ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ. ନିଧି ପୃଷ୍ଟି ଏବଂ ଅଖିଳ ଭାରତୀୟ ଖୋ ଖୋ ସଂଗଠନର ସାଧାରଣ ସମ୍ପାଦକ ମହେନ୍ଦ୍ର ସିଂହ ତ୍ୟାଗୀ ଯୋଗଦେଇ କହିଥିଲେ, ଯୁବଶକ୍ତି ହେଉଛନ୍ତି ରାଷ୍ଟ୍ରର ପ୍ରାଣକେନ୍ଦ୍ର। ସେମାନଙ୍କ ପାଖରୁ ଏ ସମାଜ ବହୁତ କିଛି ଆଶା କରେ। ସେମାନଙ୍କର ଚିନ୍ତା ଚେତନା ଓ ରାଷ୍ଟ୍ରୀୟ ଜାଗରଣ କିପରି ରହିବା ଦରକାର ସେ ସମ୍ପର୍କରେ ଅତିଥି ଦ୍ୱୟ ଆଲୋକପାତ କରିଥିଲେ। ସଦାଶିବ ପରିସର ଜ୍ୟୋତିଷ ବିଭାଗର ମୁଖ୍ୟ ପ୍ରଫେସର ବିଶ୍ୱରଞ୍ଜନ ପତି ଏବଂ ଯୁଗ୍ମସଂଯୋଜକ କ୍ରୀଡ଼ା ଅଧ୍ୟାପକ ତଥା ସହକାରୀ ନିର୍ଦ୍ଦେଶକ ଡ. ଗୌତମ କୁମାର ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମର ଆଞ୍ଚଳିକ ସଂଯୋଜକ ରହିଥିଲେ। ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ କଛୱା ଧନ୍ୟବାଦ ଦେଇଥିଲେ। ଡ. ନନ୍ଦିଘୋଷ ମହାପାତ୍ର ଓ ଅଧ୍ୟାପକ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଯୁବ ମହୋତ୍ସବ-୨୦୨୪ ଶ୍ରୀସଦାଶିବ ପରିସର ପୁରୀ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଏକଲବ୍ୟ ପରିସର, ଅଗରତାଲା, ଜଗଦୀଶ ନାରାୟଣ ବ୍ରହ୍ମଚାରୀ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, ଦରଭଙ୍ଗା, ଲକ୍ଷ୍ମୀଦେବୀ ସ୍ରଫ୍ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, ଝାଡ଼ଖଣ୍ଡ, ଶ୍ରୀ ସ୍ୱାମୀ ପ୍ରାଣକୃଷ୍ଣାଚାର୍ଯ୍ୟ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, ବିହାର, ଶ୍ରୀସୀତାରାମ ବେଦିକ୍ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, କୋଲକାତା, କାଳିଆଚକ ବିକ୍ରମକେଶରୀ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, ପୂର୍ବ ମେଦିନୀପୁର, ଶ୍ରୀରାମ ସୁନ୍ଦର ସଂସ୍କୃତ ବିଶ୍ୱ ବିଦ୍ୟା ପ୍ରତିଷ୍ଠାନ, ବିହାର, ଡ. ରାମ୍‌ଜୀ ମେହେଟା ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, ମୁଜାଫରପୁର, ଶ୍ରୀରାଧାମାଧବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, ମଣିପୁର, ରାଜକୁମାରୀ ଗଣେଶ ଶର୍ମା ସଂସ୍କୃତ ବିଦ୍ୟାପୀଠ, ଦରଭଙ୍ଗା ପ୍ରଭୃତି ୧୧ଟି ଶିକ୍ଷାନୁଷ୍ଠାନରୁ ପ୍ରାୟ ୩୦୦ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ୧୭ଟି ସୁବର୍ଣ୍ଣ ପଦକ ପାଇ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଏକଲବ୍ୟ ପରିସର, ଅଗରତାଲା ପ୍ରଥମ ଏବଂ ୧୬ଟି ସୁବର୍ଣ୍ଣ ପଦକ ସହ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର, ପୁରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସେହିପରି ପୂର୍ବମେଦିନିପୁରର କାଳିଆଚକ ବିକ୍ରମ କିଶୋର ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଛି।

# ଆଧାତ୍ମିକତା ଭାବ ସୃଷ୍ଟି କରେ ପରିକ୍ରମା ମାର୍ଗ

ପୁରୀ,୧୭।୧୧(ଅଜିତ୍ କୁମାର ମହାନ୍ତି)

ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ପକ୍ଷରୁ 'ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଓ ପରିକ୍ରମା ମାର୍ଗରେ ଆଧାତ୍ମିକତା' ଶୀର୍ଷକ ପ୍ରଥମ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରବିବାର ବାଲିଘାଟସ୍ଥିତ ଆଇ.ଏମ୍.ଟି ଫାର୍ମାସୀ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଦିଲୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଭାରତ ସେବାଶ୍ରମ ସଂଘର ପୂଜ୍ୟ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାପାତ୍ର ମଞ୍ଚାସୀନ ଥିଲେ। ନାଇଜେରିଆର ରମେଶଚନ୍ଦ୍ର ବିଶ୍ୱାଳ, ବଡୁସୁଆର ନିଯୋଗ ସଭାପତି ବିଶ୍ୱନାଥ ସାମନ୍ତରା, ବରିଷ୍ଠ ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଚୁନରା ସେବକ ଡ. ଶରତ କୁମାର ମହାନ୍ତି, ନୀଳାଦ୍ରି ଟ୍ରଷ୍ଟ ସଚିବ ନନ୍ଦକିଶୋର ଜେନା, ମହାରାଷ୍ଟ୍ରର ଗୌରବ କୁମାର ଶର୍ମା, ବିଶାଖାପାଟଣାର ପ୍ରଫେସର ରୁଦ୍ରପ୍ରତାପ ଦାଶ, ଧାନମଣ୍ଡଳ ଜଗନ୍ନାଥ ମନ୍ଦିରର ସଭାପତି ଦୀପକ କୁମାର ମିଶ୍ର ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ପରିକ୍ରମା ମାର୍ଗ ପରିକ୍ରମଣ ବେଳେ ଭକ୍ତଙ୍କ ମନରେ ଆଧାତ୍ମିକତା ଭାବ ସୃଷ୍ଟି ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ କୁମାର ରଥ ସ୍ୱାଗତ ଭାଷଣ ଏବଂ ମହାନିର୍ଦ୍ଦେଶକ ଡ. ଭାସ୍କର ମିଶ୍ର ପ୍ରତିଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସଂଗ୍ରହାଳୟ ନିମନ୍ତେ ସଂଗୃହୀତ ମହାପ୍ରଭୁଙ୍କ ବସ୍ତ୍ର, ରଥ ନିର୍ମାଣଜନିତ ୫୦ରୁ ଉର୍ଦ୍ଧ୍ୱ ଉପକରଣ ପ୍ରଦର୍ଶିତ ହୋଇଥିଲା। ସେହିପରି ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ନୂତନ ସଦସ୍ୟମାନଙ୍କୁ ଉତ୍ତରୀୟ ଓ ଶ୍ରୀଜଗନ୍ନାଥଙ୍କ ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଦସ୍ୟ ପ୍ରାଧ୍ୟାପକ ସୁନୀଲ ରଥଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଗବେଷକ, ବିଦ୍ୱାନ୍ ଓ ସେବକ ଉପସ୍ଥିତ ଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ରାଜ୍ୟ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ସ୍ତମ୍ଭକାର ଗୁରୁକଲ୍ୟାଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ନୀତି ଆୟୋଗ ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ୍ ଓ ବରିଷ୍ଠ ଅଧିକାରୀମାନେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# ଜୈବ ବିବିଧତା ପାଇଁ କୋଷ୍ଟ ଫେଷ୍ଟ

ଅସ୍ତରଙ୍ଗ,୧୭।୧୧
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଆମେରିକାର ଇଣ୍ଟରନ୍ୟାଶନାଲ ଭିଜିଟର୍ସ ଲିଡରଶିପ ପ୍ରୋଗ୍ରାମ (ଆଇଭିଏଲ୍‌ପି) ସହଯୋଗରେ ସମୃଦ୍ଧ ଜୈବ ବିବିଧତା ପାଇଁ ଅସ୍ତରଙ୍ଗର ଦେବୀ ନଦୀ ମୁହାଣରେ ଭାଇବ୍ରାଣ୍ଟ କୋଷ୍ଟ ଫେଷ୍ଟ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସବୁଜ ଶାଖାର ପ୍ରତିଷ୍ଠାତା ଦିବାକର ଛାଟୋଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ପୀର ଜାହାନିଆ ଠାରେ ଅନୁଷ୍ଠିତ ବାଲିଯାତ୍ରାରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ, ପୁରୀ ବନ୍ୟପ୍ରାଣୀ ଡିଭିଜନ, ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ଓ ଜଙ୍ଗଲ ଲୋର ଫାଉଣ୍ଡେଶନ ସମେତ ସ୍ଥାନୀୟ ସଂଗଠନ ଏକାଠି ହୋଇଥିଲେ। ସମୃଦ୍ଧ ଜୈବ ବିବିଧତା ବିଷୟରେ ସଚେତନ କରିବା ଏବଂ ଜଳବାୟୁର ସୁରକ୍ଷା ଉପରେ ଆଲୋକପାତ କରିବା ଏହାର ମୂଳଲକ୍ଷ୍ୟ।

ଅନ୍ୟପକ୍ଷରେ ଅଲିଭ ରିଡ୍‌ଲେ ସାମୁଦ୍ରିକ କଇଁଛମାନଙ୍କ ଜୀବନଚର୍ଯ୍ୟା ଏବଂ ସଂରକ୍ଷଣ ପଦକ୍ଷେପ, ସରକାରୀ ନିୟମାବଳୀ ବିଷୟରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇବା ହେଉଛି ଏହାର ମୂଳଲକ୍ଷ୍ୟ। ଉପକୂଳ ରକ୍ଷଣାବେକ୍ଷଣ, ଉପକୂଳସ୍ଥିରତା ଏବଂ ପ୍ରାକୃତିକ ବିପର୍ଯ୍ୟୟର ସୁରକ୍ଷାରେ ମ୍ୟାନ୍‌ଗ୍ରୋଭର ଭୂମିକାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ କରାଯାଇଥିଲା। ୩ଦିନ ଧରି ଚାଲିଥିବା ଏହି କୋଷ୍ଟ ଫେଷ୍ଟର ସାମୁଦ୍ରିକ ପ୍ରଦୂଷଣ ସଚେତନତା ଉପରେ ଗେମିଂ କାର୍ଯ୍ୟକଳାପ ଏବଂ ଫଟୋ ବୁଥ୍ ସମେତ ଭାବର ଆଦାନପ୍ରଦାନର କାର୍ଯ୍ୟକଳାପ ପର୍ଯ୍ୟଟକମାନଙ୍କୁ ଜୈବ ବିବିଧତାର ସଂରକ୍ଷଣ ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ଉତ୍ସାହିତ କରିଥିଲା। ଦକ୍ଷିଣ ଫାଉଣ୍ଡେଶନ ଓ ପୁରୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ସଚେତନତାମୂଳକ ଲିଫ୍‌ଲେଟ୍ ଓ ପୁସ୍ତକ ପର୍ଯ୍ୟଟକଙ୍କୁ ବଣ୍ଟା ଯାଇଥିଲା।



କାର୍ଯ୍ୟକ୍ରମରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର କୁମାର ସ୍ୱାଇଁ, ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ସଂଘର ସଭାପତି ପ୍ରସନ୍ନ ବେହେରା, ମହିଳା ଗୋଷ୍ଠୀ ନେତ୍ରୀ ଚାରୁଲତା ବିଶ୍ୱାଳ, ଅସ୍ତରଙ୍ଗ ବିଡିଓ ସସ୍ମିତା ବେହେରାଙ୍କ ସମେତ ବହୁ ବିଶିଷ୍ଟ ବୁଦ୍ଧିଜୀବୀ ଓ ସମ୍ପ୍ରଦାୟର ନେତୃବୃନ୍ଦ ଉପସ୍ଥିତ ଥିଲେ। ଦକ୍ଷିଣ ଫାଉଣ୍ଡେଶନର ଗବେଷକ ରାହୁଲ ଏମ୍‌ଏସ୍ ଓ ବିଦିଶା କୁଲକର୍ଣ୍ଣି, ଓଡ଼ିଶା ମ୍ୟାନଗ୍ରୋଭ କ୍ଲିନ୍ ଅପ୍‌ର ରାହୁଲ ମହାରଣା, ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟର ସୌମ୍ୟରଞ୍ଜନ ବିଶ୍ୱାଳ, ପିଣ୍ଟୁ ପାତ୍ର, ସୁମନ ପ୍ରଧାନ, ବାମଦେବ ବେହେରା ଓ ପ୍ରଦ୍ୟୁମ୍ନ ବେହେରା ଏବଂ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷକ ପୁରସ୍କାରପ୍ରାପ୍ତ ବିଚିତ୍ରାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଞ୍ଚଳର ଜଳବାୟୁ ସ୍ଥିରତା ବୃଦ୍ଧି ପାଇଁ ଉପକୂଳ ଜୈବ ବିବିଧତାର ସୁରକ୍ଷା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

## ନୀଳାଚଳ କୃଷକ ମହାସଂଘର ସାଙ୍ଗଠନିକ ବୈଠକ

ସାକ୍ଷୀଗୋପାଳ,୧୭।୧୧(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅଧୀନ ପଟ୍ଟନାଇକିଆ ଛକ ନିକଟ ମାଳ ବାଲୁଙ୍କେଶ୍ୱରଙ୍କ ମନ୍ଦିର ପରିସରରେ ନୀଳାଚଳ କୃଷକ ମହାସଂଘର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସଭାପତି ପ୍ରକାଶ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ କୃଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ନଦୀ ଓ ନାଳ ଖନନ, ଜଳ ନିଷ୍କାସନ, ଜଳ ସଂରକ୍ଷଣ, ଜଳସେଚନ, ଫସଲ ଉତ୍ପାଦନ, ସଂରକ୍ଷଣ ଓ ବିପଣନ କାର୍ଯ୍ୟ ସହିତ ପୂର୍ବରୁ ୯୦ ଦଫା ଦାବିର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରିବାକୁ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନା କରାଯାଇଥିଲା। ଏଥିସହିତ ସାଙ୍ଗଠନିକ କାର୍ଯ୍ୟକ୍ରମର ପୁନର୍ବିନ୍ୟାସ ଓ ମହାସଂଘର ସଙ୍ଗଠନକୁ ଦୃଢ଼ୀଭୂତ କରିବାକୁ ଅଦ୍ୟ ସଭାରେ ପ୍ରସ୍ତାବ ଗ୍ରହଣ କରାଯାଇ ସ୍ଥାୟୀ ରାଜ୍ୟ ସଭାପତି ଗୋପୀନାଥ ମିଶ୍ରଙ୍କ କାର୍ଯ୍ୟର ପ୍ରଶଂସା କରାଯାଇ ସଂଘକୁ ଆଗେଇ ନେବାକୁ ସଭାରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସଭାରେ ସମ୍ପାଦକ ବିପ୍ରବର ପାତ୍ର, ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଶରତ ଚନ୍ଦ୍ର ବରାଳ, ଫଗୁଚରଣ ପରିଡ଼ା, ଚନ୍ଦ୍ରକାନ୍ତ ରାଉତରାୟ, ସୁଶାନ୍ତ କୁମାର ଶତପଥୀ, ଅନାଥ ଚରଣ ଦାସ, ସମରେନ୍ଦ୍ର ସାହୁ, ବବ୍ରୁବାହନ ପରିଡ଼ା, ଅରକ୍ଷିତ ଦାସ, ଶରତ ରାଉତଙ୍କ ସମେତ ଶତାଧିକ କୃଷକ ଯୋଗଦେଇଥିଲେ।

## ସୂଚନା ଅଧିକାରକର୍ମୀଙ୍କୁ ଆକ୍ରମଣ

**୨ ଫେରାର୍ ଅଭିଯୁକ୍ତ ପୁରୀରୁ ଗିରଫ**

ଅସ୍ତରଙ୍ଗ,୧୭।୧୧(ମମତା ଜେନା)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ଗ୍ରାମର ସୂଚନା ଅଧିକାରକର୍ମୀ କାର୍ତ୍ତିକ କୁମାର ପରିଡ଼ା ଘର ପାଇଁ କିଛି ସାମଗ୍ରୀ କିଣିବାକୁ ଛକ ନିକଟରେ ଥିବା ଦୋକାନକୁ ଯାଇଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ୨ଜଣ ଦୁର୍ବୃତ୍ତ କାର୍ତ୍ତିକଙ୍କୁ କଟୁରି ଓ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ କାର୍ତ୍ତିକଙ୍କର ମୁଣ୍ଡଫାଟି ରକ୍ତସ୍ରାବ ହେବାସହ ସେଠାରେ ଚେତାଶୂନ୍ୟ ହୋଇପଡ଼ିଥିଲେ। କେତେଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାରକରି ଅସ୍ତରଙ୍ଗ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଏନେଇ ଅଭିଯୋଗ ପରେ କେସ୍ ନଂ.୨୩୭/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଘଟଣା ଘଟାଇବା ପରେ ୨ଜଣ ପୁରୀରେ ଯାଇ ଆତ୍ମଗୋପନ କରିଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ୍ ପୁରୀରୁ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅସ୍ତରଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଦୁର୍ନୀତିକୁ ନେଇ କାର୍ତ୍ତିକ ପରିଡ଼ା ସୂଚନା ଅଧିକାର ଆଇନ ଦ୍ୱାରା ତଥ୍ୟ ହାସଲକରି ଲୋକଲୋଚନକୁ ଆଣିବା ସହ ଦୁର୍ନୀତିଖୋର ନେତା ଓ ଅଫିସର୍‌ମାନଙ୍କ ଅସଲମୁଖା ସାମ୍ନାକୁ ଆଣିଥାନ୍ତି। ଏହି ଘଟଣାକୁ ନେଇ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଏହାକୁ ଦୃଢ଼ ନିନ୍ଦା କରିବା ସହ ବିଭିନ୍ନ ବୁଦ୍ଧିଜୀବୀ ଓ ସୂଚନା ଅଧିକାରୀକର୍ମୀଙ୍କ ମହଲରୁ ନିନ୍ଦା କରାଯାଇଛି।

## ୬୮ ୟୁନିଟ ରକ୍ତ ସଂଗ୍ରହ

ପୁରୀ,୧୭।୧୧(ଅଜିତ୍ କୁମାର ମହାନ୍ତି)

ଉର୍ଜାବାନ ଓଡ଼ିଶା ଟ୍ରଷ୍ଟ ଏବଂ ସ୍ମାଇଲ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ୍ରାଲ ରେଡ଼କ୍ରସ୍ କଟକ ବ୍ଲଡ଼ ବ୍ୟାଙ୍କ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ମୋଟ ୬୮ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅତିଥି ଭାବେ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ସୁନୀଲ କୁମାର ପ୍ରଧାନ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ନିହାରିକା ତ୍ରିପାଠୀ, ସ୍ମାଇଲ ଫାଉଣ୍ଡେଶନର ପ୍ରତିଷ୍ଠାତା ମାନସ ରଞ୍ଜନ ପଣ୍ଡା, ଉର୍ଜାବାନ ଓଡ଼ିଶାର ସଭାପତି ସନ୍ତୋଷ ସେନାପତି, ଉପଦେଷ୍ଟା ପୁଷ୍ପଜିତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ମାଇଲ ଫାଉଣ୍ଡେଶନର ବିଶ୍ୱରଞ୍ଜନ ବିଶୋଇ ଧନ୍ୟବାଦ ଦେଇଥିଲେ।

## ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗଣଧାରଣା

କୋଣାର୍କ,୧୭।୧୧(ଜ୍ୟୋତିରାଜ ମହାନ୍ତି)

ସୂର୍ଯ୍ୟମନ୍ଦିର ସଂରକ୍ଷଣ, ପ୍ରତି ଶନିବାର ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ଼, ଭବ୍ୟ ନବଗ୍ରହ ମନ୍ଦିର ନିର୍ମାଣ ଆଦି ଦାବିନେଇ ରବିବାର କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦୀର୍ଘ ୨୮ବର୍ଷ ଧରି ସୁରକ୍ଷା ସମିତି ଏହି ଆନ୍ଦୋଳନ କରିଆସୁଛି। ଏହି ଆନ୍ଦୋଳନରେ ସମିତି ସଦସ୍ୟ, ଯୁବଗୋଷ୍ଠୀ ଓ ସାମାଜିକ କର୍ମୀ ପ୍ରମୁଖ ସାମିଲ ହୋଇଥିଲେ। ସୁରକ୍ଷା ସମିତି ସଭାପତି ସୌମ୍ୟସୌରଭ ଦାଶଙ୍କ ନେତୃତ୍ୱରେ ଗଣଧାରଣାରେ ସମ୍ପାଦକ ରାମକୃଷ୍ଣ ମହାନ୍ତି, ଭାଗୀରଥି ସ୍ୱାଇଁ, ବାବା ଶକ୍ତିଦେବ ଶତପଥୀ, ରମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ଶନିବାର ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼, ଭବ୍ୟ ନବଗ୍ରହ ମନ୍ଦିର ନିର୍ମାଣ, ବ୍ୟବସାୟୀଙ୍କୁ ଥଇଥାନ, ଜମିଜମା ସମସ୍ୟାର ସମାଧାନ, ସୂର୍ଯ୍ୟମନ୍ଦିର ସଂରକ୍ଷଣରେ ଅବହେଳା ପ୍ରଦର୍ଶନ ହେଉଥିବା ସମ୍ପର୍କରେ ଏକ ଦାବିପତ୍ର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଓ ଏଏସ୍‌ଆଇ ଡିଜିଙ୍କ ଉଦ୍ଦେଶ୍ୟରେ ଗୋପ ତହସିଲ୍‌ଦାର ଅନିଲ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସମିତି ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ତ୍ରିପାଠୀ, ପ୍ରିୟରଞ୍ଜନ ରଥ, ପ୍ରମୋଦ ଛୋଟରାୟ ପ୍ରମୁଖ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗଣଧାରଣା ଦିଆଯାଇଛି।

# ମୁକ୍ତ, ନିରପେକ୍ଷ ଖବର ପରିବେଷଣକୁ ଗୁରୁତ୍ୱ

**ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ**

ପିପିଲି,୧୭।୧୧(ଦୁର୍ଗାମାଧବ ମିଶ୍ର)

ମୁକ୍ତ, ନିରପେକ୍ଷ ଓ ନୈତିକ ଖବର ପରିବେଷଣ ଖବରଦାତାଙ୍କ ପ୍ରତିବଦ୍ଧତା ହେଉ ବୋଲି ଆୟୋଜିତ ଜାତୀୟ ପ୍ରେସ ଦିବସ ଅବସରରେ ରାଜ୍ୟ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି।

ଜାତୀୟ ପ୍ରେସ ଦିବସ ଅବସରରେ କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ ଓ ପିପିଲି ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ପିପିଲି ମଙ୍ଗଳପୁର ନିକଟସ୍ଥ ରଞ୍ଚ ରିସର୍ଟ ଠାରେ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଥିଲା। ରାଜ୍ୟ ସଂଘର ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନ୍ତ୍ରୀଙ୍କ ସମେତ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଖ୍ୟାତନାମା ପ୍ଲାଷ୍ଟିକ ଓ କସ୍‌ମେଟିକ୍ ସର୍ଜନ ଡାକ୍ତର ଅକ୍ଷୟ କୁମାର ରାଉତ, କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର ସଭାପତି ମନୋଜ ଦାସ, କାର୍ଯ୍ୟକାରୀ ସଭାପତି ପରମେଶ୍ୱର ଦାସ, ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର ଉପସଭାପତି ବିନାୟକ ମିଶ୍ର, ଉଦୟ ଲାବଣ୍ୟ ସମ୍ପାଦକ ଲଲାଟେନ୍ଦୁ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ପିପିଲିରେ ୪୦ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଖବରକାଗଜ ବିତରଣ କରୁଥିବା ବରିଷ୍ଠ ବିତରକ ଚିତ୍ରସେନ ଦୀକ୍ଷିତଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିପିଲି ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ବୃନ୍ଦାବନ ଜେନାଙ୍କ ଦ୍ୱାରା ରଚିତ ପୁସ୍ତକ 'ଚାନ୍ଦୁଆ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭାରେ ସଂଘର କାର୍ଯ୍ୟକାରୀ ସଦସ୍ୟ ଅରୁଣ ରାଉତ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ସୈନିକ ସ୍କୁଲ ଡମ୍ପିଂୟାର୍ଡରୁ ପୁଣି ଦୁର୍ଗନ୍ଧ

ଭୁବନେଶ୍ୱର,୧୭।୧୧(ଅନିଲ ଦାସ)




ରାଜ୍ୟର ମୁଖଶାଳା କୁହାଯାଉଥିବା ରାଜଧାନୀ ଭୁବନେଶ୍ୱରର ଅବ୍ୟବସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା ସହରବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ସରକାର ବଦଳିଛି ହେଲେ ସହରର ବର୍ଜ୍ୟ ପରିଚାଳନାରେ କୌଣସି ପରିବର୍ତ୍ତନ ହୋଇନାହିଁ। ସୈନିକ ସ୍କୁଲ ଡମ୍ପିଂୟାର୍ଡରୁ ବାହାରୁଥିବା ଦୁର୍ଗନ୍ଧ ପୁଣି ସାରା ସହରକୁ ଅସ୍ତବ୍ୟସ୍ତ କରିଛି । ପଚାଶଢ଼ା ଗନ୍ଧରେ ନାକ ଫାଟିପଡୁଛି। ଅଦୂରଦର୍ଶୀ ବର୍ଜ୍ୟବସ୍ତୁ ପରିଚାଳନାର ଦୁର୍ଦ୍ଦଶା ଭୋଗୁଛନ୍ତି ସହରବାସୀ। ରାତି ହେବା ମାତ୍ରେ ଏହି ଗନ୍ଧ ଏତେ ଉତ୍କଟ ହେଉଛି ଯେ ଘରେ ରହିବା ମଧ୍ୟ ଅସମ୍ଭବ ହେଲାଣି। ସହରରୁ ଦୈନିକ ବାହାରୁଥିବା ଶହ ଶହ ଟନ୍ ପଚାଶଢ଼ା ଆବର୍ଜନା ସହରର ମଧ୍ୟସ୍ଥଳ ସୈନିକ ସ୍କୁଲ ଡମ୍ପିଂୟାର୍ଡରେ ପାହାଡ଼ ଭଳି ଗଦାହୋଇ ରହୁଛି। ସକାଳ ହେବା ମାତ୍ରେ ଡମ୍ପିଂୟାର୍ଡରେ ଶହ ଶହ ଅଳିଆବୁହା ଗାଡ଼ି ଲାଗିଯାଉଛି। ତେବେ ଏହାର ସ୍ଥାୟୀ ସମାଧାନକୁ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ପୌର ପ୍ରଶାସନ ଏକ ପ୍ରକାର ବାଟବଣା ହୋଇଛନ୍ତି । ଦିନକୁ ଦିନ ବର୍ଜ୍ୟ ଗନ୍ଧ ଉତ୍କଟ ହେବାରେ ଲାଗିଛି।

ରାଜଧାନୀର କଳେବର ବୃଦ୍ଧିକୁ ଦେଖି ୧୯୪୯ ଅଗଷ୍ଟ ୧୯ରୁ କଟକରୁ ଭୁବନେଶ୍ୱର ରାଜଧାନୀ ସ୍ଥାନାନ୍ତର କରାଯାଇଥିଲା। ଏହି ସହରକୁ ଅତ୍ୟାଧୁନିକ ଓ ସୁନ୍ଦର, ସ୍ୱାସ୍ଥ୍ୟକର ସହର ପରିକଳ୍ପନା କରି ୧୯୪୬ରେ ଜର୍ମାନ ଆର୍କି ଟେକ୍ଟ ଓଟୋ କୋନିସବର୍ଗ ଏହାର ରୂପରେଖ ପ୍ରସ୍ତୁତ କରିଥିଲେ। ଇତିହାସ କହେ ୩ ହଜାର ବର୍ଷ ତଳେ ଏହା ମନ୍ଦିରମାଳିନି କଳିଙ୍ଗ ସାମ୍ରାଜ୍ୟ ଭାବେ ପରିଚିତ ଥିଲା। ଭୁବନେଶ୍ୱର ମ୍ୟୁନିସିପାଲିଟିରୁ ଏହା ୧୯୯୪ରେ ମହାନଗର ନିଗମରେ ପରିଣତ ହୋଇଛି। ୪୫ ୱାର୍ଡରୁ ୬୭ ୱାର୍ଡକୁ ବୃଦ୍ଧି ପାଇଛି। ଜନସଂଖ୍ୟା ମଧ୍ୟ ୧ ଲକ୍ଷରୁ ୧୫ ଲକ୍ଷକୁ ବୃଦ୍ଧି ପାଇଛି। ବିଭିନ୍ନ ଦିଗକୁ ସହରର କଳେବର ବିସ୍ତାରିତ ହେବାରେ ଲାଗିଛି। ସହରରୁ ବାହାରୁଥିବା ୩୦୦ ଟନ୍ ଆବର୍ଜନା ଏବେ ୮୦୦ ଟନ୍‌କୁ ବୃଦ୍ଧି ପାଇଲାଣି। ୨୦୨୩ ମେ ୧୫ ତାରିଖରୁ ଭୁଆସୁଣି ଡମ୍ପିଂୟାର୍ଡ ବନ୍ଦ ହେବା ପରେ ସୈନିକ ସ୍କୁଲ ଡମ୍ପିଂୟାର୍ଡ ଏକମାତ୍ର ଭରସା। ସହରରୁ ଦୈନିକ ୮୦୦ ଟନ୍‌ରୁ ଊର୍ଦ୍ଧ୍ୱ ଅଳିଆ ଏହି ଡମ୍ପିଂୟାର୍ଡରେ ଗଦା ହେଉଛି। ଗତ କିଛି ମାସ ମଧ୍ୟରେ ସୈନିକ ସ୍କୁଲ ଡମ୍ପିଂୟାର୍ଡରେ ପ୍ରାୟ ଦେଢ଼ ଲକ୍ଷ ଟନ୍ ବର୍ଜ୍ୟବସ୍ତୁ ଗଦା ହେଲାଣି। ଅଳିଆ ଚାପ କମାଇବାକୁ ସହରର ବିଭିନ୍ନ ସ୍ଥାନରେ ୪୩ଟି ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର (ଏମ୍‌ସିସି) କରାଯାଇଛି। ସେଥିରୁ ଅଧିକାଂଶ ଅଚଳ ହୋଇପଡିଛି। ହେଲେ ବର୍ଜ୍ୟବସ୍ତୁର ସୁପରିଚାଳନାକୁ ନେଇ କୌଣସି ଦୀର୍ଘମିଆଦୀ ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଅଭାବ ଯୋଗୁ ଆଜି ଏଭଳି ପରିସ୍ଥିତି ଉପୁଜିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ବିଏମ୍‌ସିକୁ ପରିଚାଳନା କରିବାକୁ ଆସୁଥିବା କମିଶନର ମାତ୍ର ବର୍ଷେ କି ୨ ବର୍ଷରେ ବଦଳି ହୋଇ ଚାଲିଯାଉଛନ୍ତି। ୨୦୧୪ରୁ ୨୦୨୪ ମଧ୍ୟରେ ୮ ଜଣ କମିଶନର ଓ ପ୍ରଶାସକ ବିଏମ୍‌ସିରୁ ବଦଳି ହେଲେଣି । ମାତ୍ର ସହରର ମୁଖ୍ୟ ସମସ୍ୟା ବର୍ଜ୍ୟବସ୍ତୁ ପରିଚାଳନା ଅପରିବର୍ତ୍ତିତ ରହିଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏ ସମ୍ପର୍କରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କୁ ଟେଲିଫୋନ୍ ନମ୍ବର ୯୪୩୭୫୬୭୪୮୯୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତ ମିଳିବା ସମ୍ଭବ ହୋଇପାରିନାହିଁ।

## ସିଦ୍ଧିସ୍ମା ବିନ୍ଧାଣିଙ୍କୁ 'ପିଲାଙ୍କ ଅକ୍ଷୟ ସମ୍ମାନ'




ଭୁବନେଶ୍ୱର,୧୭।୧୧(ବନ୍ଦନା ସେଠୀ)

**ପିକକ୍ ଶିଶୁମେଳା**

ଏକାମ୍ର ହାଟଠାରେ ଚାଲିଥିବା ପିକକ୍ ଶିଶୁମେଳାର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ସନ୍ଧ୍ୟାକୁ ସଙ୍ଗୀତଜ୍ଞ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା। ଅକ୍ଷୟଙ୍କ କାଳଜୟୀ ସଙ୍ଗୀତକୁ କୁନିକୁନି କଣ୍ଠଶିଳ୍ପୀ ଶାଶ୍ୱତୀ, ସିଦ୍ଧିସ୍ମା, ଦୀଣ୍ଣା ଦେବାଂଶୁ, ଆରାଧ୍ୟା, ପ୍ରତ୍ୟୁଷ ପ୍ରମୁଖ ସୁଲଳିତ କଣ୍ଠରେ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପିକକ୍ ଓ ରୋଟାରୀ କ୍ଲବ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ କଣ୍ଠଶିଳ୍ପୀ ସିଦ୍ଧିସ୍ମା ବିନ୍ଧାଣିଙ୍କୁ 'ପିଲାଙ୍କ ଅକ୍ଷୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ, ବନ୍ଦିତା ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ପିକକ୍ ଅଧ୍ୟକ୍ଷା ଡ. ମୀନାକ୍ଷୀ ପଣ୍ଡା, ସମ୍ପାଦକ ରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ୫ କୋଟିର ଆମିଷ ଖାଇଲେ

ଭୁବନେଶ୍ୱର,୧୭।୧୧ (ବନ୍ଦନା ସେଠୀ)

ଧର୍ମମାସ କାର୍ତ୍ତିକ ସରିବା ପରେ ରବିବାର ଛାଡ଼ଖାଇ ଜମିଛି। ରାଜଧାନୀରେ ଦିନକରେ ମୋଟ୍ ୫କୋଟିର ଆମିଷ ବେପାର ହୋଇଛି। ସେଥିମଧ୍ୟରୁ ୧୩୧ଟନ୍ ମାଛ ବିକ୍ରି ହୋଇଥିବାବେଳେ, ୧.୭କୋଟି ଟଙ୍କାର ବେପାର ହୋଇଛି। ସେହିପରି ୧.୫କୋଟି ଟଙ୍କାର ୧୫୦ଟନ୍ ଚିକେନ୍ ଏବଂ ୧.୮କୋଟି ଟଙ୍କାର ୪୫ଟନ୍ ମଟନ୍ ବିକ୍ରି ହୋଇଥିବା ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେସନ୍‌ର ରାଜ୍ୟ ସଭାପତି ସେକ୍ ମୁନ୍ତାକିମ୍ ବକ୍ସ ସୂଚନା ଦେଇଛନ୍ତି। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ପରେ ଶନିବାର ଛାଡ଼ଖାଇ ପଡିଥିଲା। ମାତ୍ର ସେଦିନ ସଂକ୍ରାନ୍ତି ଥିବାରୁ ଲୋକମାନେ ଆମିଷ ପାଖ ମାଡି ନ ଥିଲେ। ତେଣୁ ରବିବାର ସକାଳୁ ସକାଳୁ ରାଜଧାନୀର ବିଭିନ୍ନ ଆମିଷ ହାଟରେ ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ନିଜ ପକେଟ୍‌କୁ ସୁହାଇବା ଭଳି ମାଛଠାରୁ ଆରମ୍ଭ କରି ଚିକେନ୍ ଓ ମଟନ୍ ସବୁ ଦୋକନରେ ଲୋକଙ୍କ ଲାଇନ୍ ଲାଗିଥିଲା। ସେହିପରି ଛାଡ଼ଖାଇରେ ବଜାରରୁ ଚୁନାମାଛ ପ୍ରାୟ ଉଭାନ ହୋଇ ଯାଇଥିଲା। ବଡ଼ମାଛ ଏବଂ ଅନ୍ୟାନ୍ୟ ଆମିଷ ଉପରେ ବେଶି ଡିମାଣ୍ଡ ରହିଥିଲା।

## ରାଜଭବନ ସାମ୍ନାରେ ୨ କାର୍ ମଧ୍ୟରେ ଧକ୍କା

ଭୁବନେଶ୍ୱର,୧୭।୧୧(ସତ୍ୟଜିତ ରାଉତ)

ରାଜଭବନ ସାମ୍ନାରେ ରବିବାର ରାତି ପ୍ରାୟ ୧ଟାରେ ଦୁର୍ଘଟଣା ଘଟିଛି। ଏକ କାରକୁ ଆଉ ଏକ କାର୍ ଧକ୍କା ଦେବାରୁ ଉଭୟ ଗାଡି କ୍ଷତିଗ୍ରସ୍ତ ହୋଇଛି। ତେବେ ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ୪ରୁ ୫ଜଣ ଲୋକ ଏକ ବିବାହ ଉତ୍ସବରେ ଯୋଗଦେଇ ଓଡି୦୨ଏଆର୍୫୭୧୪ ନମ୍ବର ବିଶିଷ୍ଟ ଏକ କାରରେ ଜୟଦେବବିହାର ଆଡୁ ବିଦ୍ୟୁତ୍ ମାର୍ଗ ହୋଇ ପିପିଲି ଫେରୁଥିଲେ। ସେହିପରି ଜେଏଚ୍୦୫ସିକେ୯୩୬୦ ନମ୍ବର ବିଶିଷ୍ଟ ଅନ୍ୟଏକ କାରରେ ଟି.ଏନ୍. ସ୍ୱାଇଁ ବିବାହ ଭୋଜି ସାରି ସ୍ତ୍ରୀଙ୍କ ସହ ଏଜି ଛକ ପାର୍ଶ୍ୱରୁ ଭରତପୁରସ୍ଥିତ ଘରକୁ ଫେରୁଥିଲେ। ରାଜଭବନ ସାମ୍ନାରେ ଉଭୟ କାର୍ ମଧ୍ୟରେ ଧକ୍କା ଦେଇଥିଲା। ଏଥିରେ ଓଡି୦୨ଏଆର୍୫୭୧୪ ନମ୍ବର ବିଶିଷ୍ଟ କାରର କାଚ ଓ ଅନ୍ୟାନ୍ୟ ଅଂଶ ଭାଙ୍ଗି ଯାଇଥିବାବେଳେ ଟି.ଏନ୍.ସ୍ୱାଇଁଙ୍କ କାରର ବନେଟ କ୍ଷତିଗ୍ରସ୍ତ ହୋଇଛି। ପୋଲିସ ପହଞ୍ଚି ଉଭୟ କାରକୁ କ୍ରେନ୍ ଯୋଗେ ଥାନାକୁ ନେଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ଏନେଇ କୌଣସି ଏତଲା ହୋଇ ନ ଥିଲା ବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ଚାଲିଥିଲା।




ଦୁର୍ଘଟଣାଗ୍ରସ୍ତ କାର୍‌କୁ ପୋଲିସ କ୍ରେନ୍ ସହାୟତାରେ ଥାନାକୁ ଉଠାଇନେଉଛି।

## ଐତିହ୍ୟ, ସଂସ୍କୃତିକୁ ବଞ୍ଚାଇ ରଖିଥାଏ ସାଂସ୍କୃତିକ କାର୍ଯ୍ୟକ୍ରମ

ବାରଙ୍ଗ/ତ୍ରିଶୂଳିଆ,୧୭।୧୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

**ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ**

ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ରବିବାର ତୃତୀୟ ସନ୍ଧ୍ୟାରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଓଡ଼ିଶାର ଐତିହ୍ୟ, ସଂସ୍କୃତି, ସାମାଜିକ ବ୍ୟବସ୍ଥାକୁ ବଞ୍ଚେଇ ରଖିବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆନ୍ଦୋଳନ କରିବା, ଏହାହିଁ ମହୋତ୍ସବ। ୭ ବର୍ଷ ଧରି ଏହି ମହୋତ୍ସବକୁ ଆଗେଇ ନେବା, ଓଡ଼ିଶାର ସଂସ୍କୃତିକୁ ବଞ୍ଚେଇ ରଖିବା ସହ ଚୁଡଙ୍ଗଗଡ଼ ଐତିହ୍ୟକୁ ମନେ ପକେଇବାକୁ ଯେଉଁ ଉଦ୍ୟମ ହୋଇଛି, ସେଥିପାଇଁ ମନ୍ତ୍ରୀ ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଭୁବନେଶରରୁ କଟକକୁ ସଂଯୋଗ କରିବାକୁ ବାରଙ୍ଗ ଦେଇ ପାରାଲାଲା ରାସ୍ତା ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଥିଲେ। ମୁଖ୍ୟବକ୍ତା ଭାବେ ଲିପିତତ୍ତ୍ୱବିତ୍ ତଥା ଐତିହ୍ୟ ଗବେଷକ ଇ. ବିଷ୍ଣୁ ମୋହନ ଅଧିକାରୀ କହିଥିଲେ, ଚୁଡଙ୍ଗଗଡ଼ର ପୁନରୁଦ୍ଧାର କରାଯିବା ସହ ଚୁଡ଼ଙ୍ଗଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ଗଡ଼ଜାତ ଅଞ୍ଚଳର ସ୍ୱାଭିମାନକୁ ବଞ୍ଚାଇ ରଖିବାକୁ କରାଯାଇଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ, ସାମାଜିକ କର୍ମୀ ଅଭୟ ବାରିକ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ ସଭାପତିତ୍ୱ ଏବଂ ଉପଦେଷ୍ଟା ତପନ ସେଠୀ ପରିଚୟ ପ୍ରଦାନ କରିଥିଲେ। ତପନ ବଳିଆରସିଂ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହୋତ୍ସବ କମିଟି ଦ୍ୱାରା ଖବରଦାତା ଲିଙ୍ଗରାଜ ରାଉତଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୫ ଜଣଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ପରେ ପୁରୀ ଶିଳ୍ପୀ ଏଣ୍ଟରଟେନମେଣ୍ଟ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ମଣ୍ଟୁ ଛୁରିଆ ଓ ତାର ସାଥୀଙ୍କ ଦ୍ୱାରା ଆୟୋଜିତ ମେଲୋଡିରେ ଦର୍ଶକମାନେ ମନଭରି ଝୁମିଥିଲେ।



ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ମାନ ପ୍ରଦାନ କରୁଛନ୍ତି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ଏବଂ ସଂସ୍କୃତି ଓ ସଂସ୍କୃତି ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ରବିବାର ସନ୍ଧ୍ୟାରେ ଆୟୋଜିତ ଅକ୍ଷୟ ସାହିତ୍ୟ ଓ ସଙ୍ଗୀତ ସମ୍ମାନ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଆଦିତେଶ୍ୱର ମିଶ୍ରଙ୍କୁ 'ଅକ୍ଷୟ ସାହିତ୍ୟ ସମ୍ମାନ' ଓ କଣ୍ଠଶିଳ୍ପୀ ସୌରଭ ନାୟକଙ୍କୁ 'ଅକ୍ଷୟ ସଂଗୀତ ସମ୍ମାନ' ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ କାଦମ୍ବିନୀର ସମ୍ପାଦିକା ତଥା ଲେଖିକା ଡ. ଇତି ସାମନ୍ତ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ସିନେ ସମୀକ୍ଷକ ଦିଲୀପ ହାଲି ଉପସ୍ଥିତ ଅଛନ୍ତି।

## ଜମୁଛି ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ

ବାଲିଅନ୍ତା,୧୭।୧୧(ନୀଳମାଧବ ସାହୁ)

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅଧୀନ କୁଆଖାଇ ନଦୀପଠାରେ ଅନୁଷ୍ଠିତ ଷଷ୍ଠ ବାର୍ଷିକ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବର ରବିବାର ତୃତୀୟ ସନ୍ଧ୍ୟା ଥିବାରୁ ବାଲିଯାତ୍ରା ପଡ଼ିଆକୁ ହଜାର ହଜାର ଲୋକଙ୍କ ଆଗମନ ହୋଇଥିଲା। ବିଭିନ୍ନ ଷ୍ଟଲ୍‌ରେ ଖାଦ୍ୟର ପସରା ସାଙ୍ଗକୁ ରାମ ଦୋଳି, ଡ୍ରାଗନ, ବ୍ରେକ୍ ଡ୍ୟାନ୍ସ ଦୋଳିର ବେଶ୍ ମଜା ନେଇଥିଲେ ଲୋକେ। ଶୀତୁଆ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଲୋକେ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସାଧାରଣ ସମ୍ପାଦକ ସୁବାସ ପାତ୍ର, ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ, ନିର୍ମଳ ରାଉତ, ପ୍ରତାପ ରାଉତରାୟ, ସନ୍ତୋଷ ନାଥ, ଅନୁପ ଖୁଣ୍ଟିଆ, ତପନ ଦାଶ, ବିନୋଦ କୁମାର ସାହୁଙ୍କ ସମେତ ମହୋତ୍ସବ କମିଟିର ଅନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଇଣ୍ଡିଆନ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ବଲାଙ୍ଗୀରରୁ ଆସିଥିବା ଆର୍.କେ. ରକ୍‌ଷ୍ଟାରର କଳାକାରଙ୍କ ସଙ୍ଗୀତ ସହ ମନୋଲୋଭା ଗୀତ, ନାଚ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହି ବାଲିଯାତ୍ରା ମହୋତ୍ସବ ଚାଲିବ।

**ଏକାମ୍ରକ୍ଷେତ୍ର ବାଲିଯାତ୍ରା**

## ଝୁମାଇଲେ ଅନ୍ତରା, ରିୟା

ପୁରୁଣା ଭୁବନେଶ୍ୱର,୧୭।୧୧(ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଙ୍କୁଆଳସ୍ଥିତ କୁଆଖାଇ ନଦୀପଠାରେ ଚାଲିଥିବା ଏକାମ୍ରକ୍ଷେତ୍ର ବାଲିଯାତ୍ରା ମହୋତ୍ସବର ରବିବାର ଥିଲା ତୃତୀୟ ସନ୍ଧ୍ୟା। ଛୁଟିଦିନ ଥିବାରୁ ମହୋତ୍ସବରେ ଲୋକଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଲୋକପ୍ରିୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ରିୟା ଦେ ଲୋକଙ୍କୁ ବାନ୍ଧି ରଖିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦୋଳି, ବିଭିନ୍ନ ଖାଇବା ଲୋକଙ୍କୁ ବିମୋହିତ କରୁଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ ରବିବାର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, କମିଟିର ସାଧାରଣ ସମ୍ପାଦକ କବିରାଜ ସ୍ୱାଇଁ, ବରିଷ୍ଠ ଭାଜପା ନେତା ଗୋଲକ ମହାପାତ୍ର, ନିରଞ୍ଜନ ମିଶ୍ର, ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ରାମଚନ୍ଦ୍ର ରଣସିଂହ, ଅମରେଶ ଜେନା, ମଧୁସ୍ମିତା ପ୍ରଧାନ, ସୁଚିତ୍ରା ପାତ୍ର, ଯଶୋଧାରା ପ୍ରଧାନ, ଭାଜପା ଯୁବନେତା ଆଲୋକ ସାହୁ, ସୁରେନ୍ଦ୍ର ପ୍ରଧାନ, ବିଭୂତି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୨୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏକାମ୍ର ନିର୍ବାଚନମଣ୍ଡଳୀ ତଥା ବାଙ୍କୁଆଳ, କେଶୁରା, କୋରଡ଼କଣ୍ଟା, ଦୁର୍ଗାପୁରପାଟଣା ଓ ବାସୁଆଘର ମୁରବି ଓ ଯୁବଗୋଷ୍ଠୀଙ୍କୁ ନେଇ ପ୍ରଥମ ଥର ଲାଗି ଏକାମ୍ର ବାଲିଯାତ୍ରା ମହୋତ୍ସବ ଆୟୋଜନ କରାଯାଇଛି।



ବାଙ୍କୁଆଳସ୍ଥିତ କୁଆଖାଇ ନଦୀପଠାରେ ଚାଲିଥିବା ଏକାମ୍ରକ୍ଷେତ୍ର ବାଲିଯାତ୍ରା ମହୋତ୍ସବରେ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

## ଜୈବ ବିବିଧତା ପାଇଁ କୋଷ୍ଟ ଫେଷ୍ଟ

ଅସ୍ତରଙ୍ଗ,୧୭।୧୧
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଆମେରିକାର ଇଣ୍ଟରନ୍ୟାଶନାଲ ଭିଜିଟର୍ସ ଲିଡର୍‌ଶିପ ପ୍ରୋଗ୍ରାମ (ଆଇଭିଏଲ୍‌ପି) ସହଯୋଗରେ ସମୃଦ୍ଧ ଜୈବ ବିବିଧତା ପାଇଁ ଅସ୍ତରଙ୍ଗର ଦେବୀ ନଦୀ ମୁହାଣରେ ଭାଇବ୍ରାଣ୍ଟ କୋଷ୍ଟ ଫେଷ୍ଟ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସବୁଜ ଶାଖାର ପ୍ରତିଷ୍ଠାତା ଦିବାକର ଛାଟୋଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ପୀର ଜାହାନିଆ ଠାରେ ଅନୁଷ୍ଠିତ ବାଲିଯାତ୍ରାରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ, ପୁରୀ ବନ୍ୟପ୍ରାଣୀ ଡିଭିଜନ, ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ଓ ଜଙ୍ଗଲ ଲୋର ଫାଉଣ୍ଡେଶନ ସମେତ ସ୍ଥାନୀୟ ସଂଗଠନ ଏକାଠି ହୋଇଥିଲେ। ସମୃଦ୍ଧ ଜୈବ ବିବିଧତା ବିଷୟରେ ସଚେତନ କରିବା ଏବଂ ଜଳବାୟୁର ସୁରକ୍ଷା ଉପରେ ଆଲୋକପାତ କରିବା ଏହାର ମୂଳଲକ୍ଷ୍ୟ।

ଅନ୍ୟପକ୍ଷରେ ଅଲିଭ ରିଡ୍‌ଲେ ସାମୁଦ୍ରିକ କଇଁଛମାନଙ୍କ ଜୀବନଚର୍ଯ୍ୟା ଏବଂ ସଂରକ୍ଷଣ ପଦକ୍ଷେପ, ସରକାରୀ ନିୟମାବଳୀ ବିଷୟରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇବା ହେଉଛି ଏହାର ମୂଳଲକ୍ଷ୍ୟ। ଉପକୂଳ ରକ୍ଷଣାବେକ୍ଷଣ, ଉପକୂଳସ୍ଥିରତା ଏବଂ ପ୍ରାକୃତିକ ବିପର୍ଯ୍ୟୟର ସୁରକ୍ଷାରେ ମ୍ୟାନ୍‌ଗ୍ରୋଭର ଭୂମିକାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ କରାଯାଇଥିଲା। ୩ଦିନ ଧରି ଚାଲିଥିବା ଏହି କୋଷ୍ଟ ଫେଷ୍ଟର ସାମୁଦ୍ରିକ ପ୍ରଦୂଷଣ ସଚେତନତା ଉପରେ ଗେମିଂ କାର୍ଯ୍ୟକଳାପ ଏବଂ ଫଟୋ ବୁଥ୍ ସମେତ ଭାବର ଆଦାନପ୍ରଦାନର କାର୍ଯ୍ୟକଳାପ ପର୍ଯ୍ୟଟକମାନଙ୍କୁ ଜୈବ ବିବିଧତାର ସଂରକ୍ଷଣ ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ଉତ୍ସାହିତ କରିଥିଲା। ଦକ୍ଷିଣ ଫାଉଣ୍ଡେଶନ ଓ ପୁରୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ସଚେତନତାମୂଳକ ଲିଫ୍‌ଲେଟ୍ ଓ ପୁସ୍ତକ ପର୍ଯ୍ୟଟକଙ୍କୁ ବଣ୍ଟା ଯାଇଥିଲା। କାର୍ଯ୍ୟକ୍ରମରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର କୁମାର ସ୍ୱାଇଁ, ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ସଂଘର ସଭାପତି ପ୍ରସନ୍ନ ବେହେରା, ମହିଳା ଗୋଷ୍ଠୀ ନେତ୍ରୀ ଚାରୁଲତା ବିଶ୍ୱାଳ, ଅସ୍ତରଙ୍ଗ ବିଡିଓ ସସ୍ମିତା ବେହେରାଙ୍କ ସମେତ ବହୁ ବିଶିଷ୍ଟ ବୁଦ୍ଧିଜୀବୀ ଓ ସମ୍ପ୍ରଦାୟର ନେତୃବୃନ୍ଦ ଉପସ୍ଥିତ ଥିଲେ। ଦକ୍ଷିଣ ଫାଉଣ୍ଡେଶନର ଗବେଷକ ରାହୁଲ ଏମ୍‌ଏସ୍ ଓ ବିଦିଶା କୁଲକର୍ଣ୍ଣି, ଓଡ଼ିଶା ମ୍ୟାନଗ୍ରୋଭ କ୍ଲିନ୍ ଅପ୍‌ର ରାହୁଲ ମହାରଣା, ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟର ସୌମ୍ୟରଞ୍ଜନ ବିଶ୍ୱାଳ, ପିଣ୍ଟୁ ପାତ୍ର, ସୁମନ ପ୍ରଧାନ, ବାମଦେବ ବେହେରା ଓ ପ୍ରଦ୍ୟୁମ୍ନ ବେହେରା ଏବଂ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷକ ପୁରସ୍କାରପ୍ରାପ୍ତ ବିଚିତ୍ରାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଞ୍ଚଳର ଜଳବାୟୁ ସ୍ଥିରତା ବୃଦ୍ଧି ପାଇଁ ଉପକୂଳ ଜୈବ ବିବିଧତାର ସୁରକ୍ଷା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।



କୋଷ୍ଟଫେଷ୍ଟରେ କଇଁଛ ସୁରକ୍ଷା ପାଇଁ ଅଭିନବ ସଚେତନତା କାର୍ଯ୍ୟକ୍ରମ।

## ମହାପ୍ରଭୁଙ୍କ ଜମି ଜାଲିଆତି ଘଟଣା

# ପ୍ରଶାସନ ପକ୍ଷରୁ ଖୋଳତାଡ଼ ଆରମ୍ଭ

ପୁରୀ,୧୭।୧୧(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଜମି ଜାଲିଆତି କରୁଥିବା ବ୍ୟକ୍ତିଙ୍କୁ ଆଉ ନିସ୍ତାର ନାହିଁ। ଜଗନ୍ନାଥଙ୍କ ଜମି ଜାଲିଆତି ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ଏ ନେଇ ଖୋଳତାଡ଼ ଆରମ୍ଭ କରିଛି। ଅପରପକ୍ଷରେ ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱର ସହ ନେଇଥିବାବେଳେ ଆଇନମନ୍ତ୍ରୀ ଏହା ଉପରେ ପ୍ରତିକ୍ରିୟା ରଖି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ମାଟିତୋଟା ମୌଜାରେ ମହାପ୍ରଭୁଙ୍କର ୬୪ ଏକର ୮୮ ଡିସିମିଲ ଜମି ରହିଛି। ୟୁନିଟ ୧ ଖାତା ନମ୍ବର ୩୮ରେ ୧୦୯ ଟି ରାଜସ୍ୱ ପ୍ଲଟ ବେଆଇନ ଭାବେ ଜବରଦଖଲ ହୋଇ ହସ୍ତାନ୍ତର ବା ନୋଟାରି ମାଧ୍ୟମରେ ବିକ୍ରି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ଏହା ଜାଣିବା ପରେ ବାସେଳି ସାହି ଥାନାରେ ଏତଲା ଦେବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏ ନେଇ ଜିଲାପାଳ ଏବଂ ଏସ୍‌ପିଙ୍କୁ ଜଣାଇଛନ୍ତି। ଜିଲାପାଳ ସିର୍ଦ୍ଧାଥ ଶଙ୍କର ସ୍ୱାଇଁ କହିଛନ୍ତି, ମହାପ୍ରଭୁଙ୍କ ଜମିକୁ କେତେଜଣ ଅସାଧୁ ବ୍ୟକ୍ତି ବେଆଇନ ଭାବେ ବିକ୍ରି କରିଛନ୍ତି। ଏ ନେଇ ଥାନରେ ଅଭିଯୋଗ ହୋଇଛି। ଜମି କିଣିଥିବା ଓ ବିକିଥିବା ଉଭୟ ବ୍ୟକ୍ତି ଅପରାଧୀ। ଏ ସମ୍ପର୍କରେ ମନ୍ଦିର ପ୍ରଶାସନର ରାଜସ୍ୱ ବିଭାଗ, ଉନ୍ନୟନ ବିଭାଗ ଏବଂ ତହସିଲର ସମସ୍ତ ଟିମ୍‌ଙ୍କୁ ଅବଗତ କରାଯାଇଛି। ଟିମ୍ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିବା ସହ ଯେଉଁ କାର୍ଯ୍ୟ ହେଉଛି ତାହାକୁ ଉଚ୍ଛେଦ କରି ଆଇନ ଅନୁଯାୟୀ ପଦକ୍ଷେପ ନେବେ। ନୋଟାରି ମାଧ୍ୟମରେ ବିକ୍ରି ହୋଇଥିବା ଆଇନ ଅନୁଯାୟୀ ବୈଧ ନୁହେଁ। ଲୋକଙ୍କ ସହ ଧୋକା ହୋଇଛି। ଜଗନାଥ ମହାପ୍ରଭୁଙ୍କ ଜମିର ମାଲିକ ହେଉଛନ୍ତି ମହାପ୍ରଭୁଙ୍କ ଜଗନ୍ନାଥ ମାର୍ଫତରେ ଶ୍ରୀମନ୍ଦିର ପ୍ରଶାସନ ରହିଛନ୍ତି। ଏପରି ଏଗ୍ରିମେଣ୍ଟ ବୈଧ ନୁହେଁ। ପ୍ରଶାସନ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯିବ। ମହାପ୍ରଭୁଙ୍କ ଜମିର କମ୍ପ୍ୟୁଟରୀକରଣ କରାଯାଉଛି। ମହାପ୍ରଭୁଙ୍କ ଜମିକୁ ସୁରକ୍ଷା ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଘଟଣାରେ ଅନେକ ଅଧିକାରୀଙ୍କ ସମ୍ପୃକ୍ତି ଥିବାନେଇ ଚର୍ଚ୍ଚା ହେଉଛି। ମାଟିତୋଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଥିବାବେଳେ ଉକ୍ତ ଅଞ୍ଚଳରେ ମହାପ୍ରଭୁଙ୍କ ଜମିକୁ କିପରି ବେଆଇନ ଭାବେ ବିକ୍ରି କରାଗଲା ଓ ପ୍ରଶାସନ ଜାଣିପାରିଲା ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠୁଛି। ୨୦୨୦ ମସିହାରୁ ରାଜ୍ୟର ଅନେକ ଜିଲାରେ ମହାପ୍ରଭୁଙ୍କ ନାମରେ ଥିବା ପ୍ରାୟ ୧୫୧ ଏକର ଜମିକୁ ବେଆଇନ ଭାବରେ ବିକ୍ରି କରାଯାଇଛି। ଏନେଇ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ମହାପ୍ରଭୁଙ୍କ ନାଁରେ ବିଭିନ୍ନ କିସମର ୬୦,୪୨୬.୯୪୩ ଏକର ଜମି ଥିବାବେଳେ ଏଥିମଧ୍ୟରୁ ଓଡ଼ିଶାର ୨୪ଟି ଜିଲାରେ ୬୦,୦୩୧.୯୪୩ ଏକର ଓ ୬ଟି ରାଜ୍ୟରେ ୩୯୫.୨୫୨ ଏକର ଜମି ରହିଛି। ରାଜ୍ୟ ବାହାରେ ୬ଟି ରାଜ୍ୟରେ ଚିହ୍ନଟ ଜମିରୁ ପଶ୍ଚିମବଙ୍ଗରେ ସର୍ବାଧିକ ୩୨୨.୯୩୦ ଏକର ଜମି ରହିଛି। ସେହିଭଳି ମହାରାଷ୍ଟ୍ରରେ ୨୮.୨୧୮ ଏକର, ମଧ୍ୟପ୍ରଦେଶରେ ୨୫.୧୧୦ ଏକର, ଆନ୍ଧ୍ରପ୍ରଦେଶରେ ୧୭.୦୨୦ ଏକର, ଛତିଶଗଡ଼ରେ ୧.୭୦୦ ଏକର ଓ ବିହାରରେ ୦.୨୭୪ ଏକର ଜମି ରହିଛି। ରାଜ୍ୟ ଭିତରେ ଚିହ୍ନଟ ଜମିରୁ ଖୋର୍ଦ୍ଧା ଜିଲାରେ ୫୮୨.୨୫୫ ଏକର ଜମି ରହିଛି, ଯାହା ଓଡ଼ିଶା କାଜୁ ଉନ୍ନୟନ ନିଗମକୁ ଲିଜ୍ ଆକାରରେ ଦିଆଯାଇଛି। ଏହାବାଦ୍ ମହାପ୍ରଭୁଙ୍କ ଜମିରେ ବିଭିନ୍ନ ପ୍ରକାରର ୭୬ଟି ଖଣି ଓ ୨୪୦ଟି କ୍ରଶର ରହିଛି। ବିଭିନ୍ନ ସ୍ଥାନରେ ଥିବା ଚାଷଜମିଗୁଡ଼ିକୁ ସ୍ଥାନୀୟ ଲୋକଙ୍କୁ ଚାଷ କରିବା ପାଇଁ ଅନୁମତି ଦିଆଯାଇ ରାଜଭାଗ ଆଦାୟ କରାଯାଉଛି। ମୋଟ ୬୦,୪୨୬.୯୪୩ ଏକର ଜମିରୁ ୩୪,୮୭୬.୯୮୩ ଏକର ଜମିର ସଂଶୋଧିତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଛି। ବାକି ୨୬,୨୨୫.୯୬୭ ଏକର ଜମିର ସ୍ୱତ୍ୱଲିପି ଆଜିପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ହସ୍ତଗତ ହୋଇପାରି ନ ଥିବା ସୂଚନା ମିଳିଛି।

■ ଶ୍ରୀଜଗନ୍ନାଥଙ୍କ ନାଁରେ ଦେଶରେ ରହିଛି ୬୦,୪୨୬.୯୪୩ ଏକର ଜମି

■ ୨୬,୨୨୫.୯୬୭ ଏକର ଜମିର ସ୍ୱତ୍ୱଲିପି ପାଇନି ଶ୍ରୀମନ୍ଦିର ପ୍ରଶାସନ

## ସଂକ୍ଷେପରେ

### ମାନସ ରଞ୍ଜନ ସାମଲ ପାଇଲେ 'ବାଲ୍ ସାହିତ୍ୟ ପୁରସ୍କାର'

ଭୁବନେଶ୍ୱର,୧୭।୧୧ (ସୁଚିସ୍ମିତା ସାହୁ)

ଶିଶୁ ସାହିତ୍ୟିକ ତଥା ଝୁମୁକାର ସମ୍ପାଦକ ମାନସ ରଞ୍ଜନ ସାମଲଙ୍କୁ ତାଙ୍କ ଲିଖିତ ପୁସ୍ତକ 'ଗପ କଳିକା' ପାଇଁ ଜାତୀୟ ବାଲ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ସାହତ୍ୟ ଏକାଡେମୀ ପକ୍ଷରୁ ଉତ୍ତରପ୍ରଦେଶ ଲକ୍ଷ୍ନୌର ଗୋମତୀ ନଗର ଭାଗୀଦାରି ଭବନ ପ୍ରେକ୍ଷାଳୟରେ ଦୁଇଦିନ ଧରି ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମାନସଙ୍କୁ ଏକାଡେମୀ ସଭାପତି ମାଧବ କୌଶିକ ପୁରସ୍କାର ସ୍ୱରୂପ ସ୍ମୃତିଫଳକ, ଉତ୍ତରୀୟ ଓ ନଗଦ ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଲେଖକ ଓ ଗବେଷକ ସୂର୍ଯ୍ୟପ୍ରସାଦ ଦୀକ୍ଷିତ, ଏକାଡେମୀ ଉପସଭାପତି କୁମୁଦ ଶର୍ମା, ସଚିବ କେ. ଶ୍ରୀନିବାସ ରାଓ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଦେଶର ୨୪ଟି ଭାରତୀୟ ଭାଷାର ଶିଶୁ ସାହିତ୍ୟିକଙ୍କୁ ବାଲ ପୁରସ୍କାର ପ୍ରଦାନ କରାଯାଇଛି ।

### ବାଲିଯାତ୍ରା ବୁଲିବାକୁ ଆସି ବିଦ୍ୟୁତ୍ ଆଘାତରେ ଜୀବନ ଗଲା

କଟକ, ୧୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କ୍ୟାଣ୍ଟନମେଣ୍ଟ ଥାନା ନିକଟରେ ବିଦ୍ୟୁତ୍ ଆଘାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ବିଶ୍ୱପ୍ରକାଶ ମଲ୍ଲିକ। ରବିବାର ବାଲିଯାତ୍ରା ବୁଲିବା ପାଇଁ ସେ ସାଙ୍ଗମାନଙ୍କ ସହିତ କଟକ ଆସିଥିଲେ। କ୍ୟାଣ୍ଟନମେଣ୍ଟ ଥାନା ନିକଟ ରାସ୍ତାପାର୍ଶ୍ୱରେ ଲାଗିଥିବା ଲିଚୁ ଲାଇଟ୍ ଧରି ପକାଇବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ପୁରୀରେ ରବିବାର ଆୟୋଜିତ ନିର୍ବାଣ ମହୋତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ସତ୍‌କର୍ମ, ସତ୍‌ଧର୍ମ ଓ ସତ୍‌ମାର୍ଗ ହିଁ ନିର୍ବାଣ ଦେଇପାରେ

## ଶ୍ରୀକ୍ଷେତ୍ରରେ ନିର୍ବାଣ ମହୋତ୍ସବ

ପୁରୀ,୧୭।୧୧(ଅଜିତ୍ କୁମାର ମହାନ୍ତି)

ପୂର୍ବଜନ୍ମର ପ୍ରାରବ୍ଧରୁ ଜୀବ ମଣିଷ ଜନ୍ମ ପାଏ। ମଣିଷ ଦେହରେ ଦିବ୍ୟଜ୍ଞାନ ଦେଖି ଈଶ୍ୱର ଖୁସି ହୁଅନ୍ତି। ହେଲେ ସଂସାର ମାୟାରେ ପଶିବା ପରେ ଅହଂକାର, ଈର୍ଷା, ପରଶ୍ରୀ କାତରତା ଭିତରେ ମଣିଷ ବାଟ ହୁଡ଼ିଯାଏ। କିନ୍ତୁ ସେତେବେଳେକୁ ହଜିଯାଇଥାଏ ମୁକ୍ତି, ମୋକ୍ଷ ଓ ନିର୍ବାଣର ବାଟ। ଏଣୁ ସତ୍‌କର୍ମ, ସତ୍‌ମାର୍ଗ, ସତ୍‌ଭାବନା ଓ ସତ୍‌ଧର୍ମ ଭିତରେ ଏକ ସୁନ୍ଦର ସଂସାର ଏବଂ ଶୃଙ୍ଖଳିତ ସମାଜ ଗଠନ ହିଁ ମଣିଷକୁ ମୁକ୍ତି, ମୋକ୍ଷ ଓ ନିର୍ବାଣର ବାଟ ଦେଖାଏ ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ତଥା ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ସବିତା ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀର ପଲ୍ଲୀବାଣୀ ମିଶନ, ମିଶନ ଓଡ଼ିଶା ଏବଂ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ମିଳିତ ସହଯୋଗରେ ରବିବାର ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ଜୟଦେବ ଭବନରେ ଆୟୋଜିତ ନିର୍ବାଣ ମହୋତ୍ସବକୁ ଉଦ୍‌ଘାଟନ କରି ଡ. ପ୍ରଧାନ ଆଧ୍ୟାତ୍ମିକ ଜନଜାଗରଣରେ ନିର୍ବାଣ ମହୋତ୍ସବ ସ୍ମରଣ ରହିବ ବୋଲି ମତବ୍ୟକ୍ତ କରିଥିଲେ।

ପଲ୍ଲୀବାଣୀର ଅଧ୍ୟକ୍ଷ ରାମଚନ୍ଦ୍ର ନାଥଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମ ଅଧିବେଶନରେ ଡ. ବଦ୍ରି ମିଶ୍ର ଏବଂ ଦ୍ୱିତୀୟ ଅଧିବେଶନରେ ଡ. କୁଳମଣି ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ଡିନ୍ ମଦନମୋହନ ଝା ଏବଂ ସଦାଶିବ ପରିସର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ରାମକୃଷ୍ଣ ଦାସ ମହାରାଜ, ବାବା ସନତ ସୁଜାତାନନ୍ଦ ମହାରାଜ, ପଣ୍ଡିତ ଶଶାଙ୍କ ଶେଖର ମିଶ୍ର, ପଣ୍ଡିତ ସୁଦର୍ଶନ ତ୍ରିପାଠୀ, ନୀଳମଣି ଗୁରୁ, ଆଦର୍ଶ ଶତପଥୀ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ଶତପଥୀ ଏବଂ ଜୀତେନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବନମାଳି ବିଶ୍ୱାଳ ନିର୍ବାଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବାବାଜି ସନତ ସୁଜାତାନନ୍ଦ ଦାସ ମହାରାଜ ଏବଂ ରାଧାବଲ୍ଲଭ ମଠର ମଠାଧିଶ ରାମକୃଷ୍ଣ ଦାସ ମହାରାଜ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସ୍ୱାଗତିକା ମହାନ୍ତି ଓ ବିଶ୍ୱନାଥ ମିଶ୍ର ସଞ୍ଚାଳନ କରିଥିଲେ। ମିଶନ ଓଡ଼ିଶା ସାଧାରଣ ସମ୍ପାଦକ ମଧୁସୂଦନ ମିଶ୍ର ଧନ୍ୟବାଦ ଦେଇଥିଲେ। ଆଗାମୀବର୍ଷ ଗୁଜରାଟର ଶ୍ରୀସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ନିର୍ବାଣ ମହୋତ୍ସବ ଅନୁଷ୍ଠିତ ହେବ।



# ବିବାହ ବନ୍ଧନରେ ଏଲିନା

## ଇଣ୍ଡୋନେସିଆ ବାଲିରେ ଅନୁରାଗଙ୍କ ହାତ ଧରିଲେ

ଭୁବନେଶ୍ୱର,୧୭।୧୧ (ବନ୍ଦନା ସେଠୀ)

ଓଲିଉଡ୍‌ର ଚୁଲ୍‌ବୁଲି ନାୟିକା ଏଲିନା ସାମନ୍ତରାୟ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଲମ୍ବା ସମୟ ଧରି ପ୍ରେମିକ ଅନୁରାଗଙ୍କ ସହିତ ସମ୍ପର୍କରେ ରହିବା ପରେ ନଭେମ୍ବର ୧୭ ରବିବାର ଇଣ୍ଡୋନେସିଆ ବାଲିର ଏକ ହୋଟେଲରେ ବିଧିବଦ୍ଧ ଭାବେ ବିବାହ କରିଛନ୍ତି। ଏହି ବିବାହ ଉତ୍ସବରେ ଦୁଇ ପରିବାର ସଦସ୍ୟଙ୍କ ସହ ନିକଟ ସମ୍ପର୍କୀୟ ଉପସ୍ଥିତ ରହିଥିଲେ। ପୂର୍ବରୁ ଏଲିନାଙ୍କ ସହିତ ଇଣ୍ଡଷ୍ଟ୍ରିର ବହୁ ଅଭିନେତାଙ୍କ ନାମ ଯୋଡ଼ା ଯାଉଥିଲାବେଳେ ଏବେ ଅନୁରାଗଙ୍କୁ ବିବାହ ଖବର ଦେଇ ଏଲିନା ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଏଲିନା ଏକ ଘରୋଇ ଚ୍ୟାନେଲର ରିଆଲିଟି ଶୋ'ରୁ ବିଜେତା ହୋଇ ୨୦୧୫ରେ ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଥିଲେ। 'ଇସ୍କ ତୁ ହି ତୁ' ଚଳଚ୍ଚିତ୍ରରୁ ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ 'କେହି ନୁହେଁ କାହାର', 'ଜଗା ହାତରେ ପଘା', 'ଲଭ୍ ଷ୍ଟେଶନ', 'ଝିଅଟା ବିଗିଡ଼ିଗଲା', 'ଅଭୟ', 'ମୁଁ ଖାଣ୍ଟି ଓଡ଼ିଆ ଝିଅ', କାବୁଲା ବାରବୁଲା, 'ହାପି ଲକି', '୪ ଇଡିଅଟ୍ସ', 'ଟୋକାଟା ଫସିଗଲା', 'ପ୍ରତିଶୋଧ', 'ମାଲ୍ୟଗିରି' ଆଦି ଚଳଚ୍ଚିତ୍ରରେ ଅଭିନୟ କରି ଅନେକ ପ୍ରଶଂସା ସାଉଣ୍ଟିଛନ୍ତି।

# ନୀତିବିହୀନ ରାଜନୀତି କେବଳ ଛଳନା: ନବୀନ

## ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୧ତମ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର,୧୭।୧୧(ଅନୁରାଧା ମହାରଣା)

ରାଜନୀତି ହେଉଛି କ୍ଷମତାର ଶିଡ଼ି। ଲୋକଙ୍କ କଲ୍ୟାଣ ପାଇଁ କାମ କରିବାକୁ ଏହା ଏକ ସୁଯୋଗ। ଲୋକଙ୍କ ଭଲପାଇବା ଆଗରେ କ୍ଷମତା, ପଦ ମର୍ଯ୍ୟାଦା ତୁଚ୍ଛ। ନୈତିକତାବିହୀନ ରାଜନୀତି କେବଳ ଛଳନା ପଦବାଚ୍ୟ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ରବିବାର ସୂଚନାଭବନଠାରେ ପୂର୍ବତନ ମନ୍ତ୍ରୀ ତଥା ଜନନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୧ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ଏହା କହିଛନ୍ତି।

କାର୍ଯ୍ୟକ୍ରମରେ ଲୋପାମୁଦ୍ରା ବକ୍ସିପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ ଯୋଗଦେଇ କହିଲେ, ଓଡ଼ିଶା ସୀମା ଆନ୍ଦୋଳନରେ ଅଧିକରୁ ଅଧିକ ଛାତ୍ରଙ୍କୁ ସାମିଲ କରିବାରେ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଗୁରୁଦାୟିତ୍ୱ ତୁଲାଇଥିଲେ। ସାମାଜିକ ନ୍ୟାୟ ପାଇଁ ଛାତ୍ର ଜୀବନରୁ ସେ ବାମପନ୍ଥୀ ବିଚାରଧାରାରେ ବିଶ୍ୱାସ ରଖୁଥିଲେ। ମୁଖ୍ୟବକ୍ତା ଭାବେ ସମାଜ ବିଜ୍ଞାନୀ ଯୋଗେନ୍ଦ୍ର ଯାଦବ କହିଲେ, ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କୁ ମନେପକାଇବାର ଅର୍ଥ ସମ୍ବିଧାନର ଆତ୍ମାକୁ ମନେପକାଇବା। କାରଣ ବର୍ତ୍ତମାନ ଭାରତୀୟ ଗଣରାଜ୍ୟକୁ ଭାଙ୍ଗିବାକୁ ଉଦ୍ୟମ କରାଯାଉଛି। ସ୍ୱାଧୀନତା ପରେ ବିଭିନ୍ନ ବିଚାରଧାରାର ଲୋକେ ଏକତ୍ର ହୋଇ ସମ୍ବିଧାନ ପ୍ରତିଷ୍ଠା କରିଥିଲେ। ହେଲେ ୧୯୭୦ ମସିହା ପରେ ଆଧୁନିକ ବିଚାରଧାରା ଅଚାନକ ଉଭାନ ହୋଇଯାଇଛି। ପୂର୍ବରୁ ସଂଗ୍ରାମୀ ନେତାମାନେ ସାଧାରଣ ଲୋକଙ୍କ ସହିତ ରହି ଦେଶରେ ଏକ ନିର୍ଦ୍ଦିଷ୍ଟ ବିଚାରଧାରାକୁ ଆଗକୁ ନେଉଥିଲେ। ମାତ୍ର ବର୍ତ୍ତମାନ ରାଜନୈତିକ ବିଚାରଧାରାର ପୁରୋଧା ପାଲଟିଥିବା ବ୍ୟକ୍ତିବିଶେଷ ସାଧାରଣ ଲୋକଙ୍କ କଥା ବୁଝିବାରେ ସମର୍ଥ ନୁହନ୍ତି ବୋଲି ସେ କହିଛନ୍ତି। ଏହାପରେ ମୁଖ୍ୟ ଅତିଥି ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଲେ, ସମାଜବାଦୀ ଆଦର୍ଶରେ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କର ଗଭୀର ବିଶ୍ୱାସ ଥିଲା। ଏହି ଆଦର୍ଶ ତାଙ୍କ ଜୀବନ ଓ କାର୍ଯ୍ୟରେ ପ୍ରତିଫଳିତ ହେଉଥିଲା। ସଂଗ୍ରାମ ହିଁ ଥିଲା ତାଙ୍କର ସବୁଠାରୁ ବଡ଼ ପରିଚୟ। ଜଣେ ରାଜନେତା ନୁହେଁ, ଜନନେତା ଭାବେ ସେ ପରିଚିତ ଥିଲେ। ତାଙ୍କ ପିଢିର ରାଜନେତାଙ୍କ ଅଭାବ ଆଜି ସମସ୍ତେ ଅନୁଭବ କରୁଛନ୍ତି। ଗରିବ ଲୋକ, ଆଦିବାସୀ ଭଉଣୀଭାଇ, ଚାଷୀଙ୍କ ଅଧିକାର ପାଇଁ ସେ ସଂଗ୍ରାମ କରୁଥିଲେ। ରାଜନୀତି ହେଉଛି ଲୋକଙ୍କୁ ନିଃସ୍ୱାର୍ଥପର ସେବା ଦେବାର ପ୍ରତିବଦ୍ଧତା। ଏହା ବକ୍ସିପାତ୍ରଙ୍କ କାର୍ଯ୍ୟରେ ପ୍ରତିଫଳିତ ହେଉଥିଲା ବୋଲି ନବୀନ କହିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବକ୍ସିପାତ୍ରଙ୍କୁ କ୍ରାନ୍ତିକାରୀ ନେତା ଭାବେ ସମ୍ବୋଧନ କରିଥିଲେ। ଏହି ଅବସରରେ ରାଜ୍ୟରେ ମଦ ବିରୋଧୀ ଆନ୍ଦୋଳନ ପାଇଁ ପ୍ରମିଳା ସ୍ୱାଇଁ ଏବଂ ସାମ୍ବାଦିକତା କ୍ଷେତ୍ରରେ ଶ୍ରୀମୟ କରଙ୍କୁ 'ହରିଶ୍ଚନ୍ଦ୍ର ବକ୍ସିପାତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।



ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୧ତମ ଜୟନ୍ତୀ ଅବସରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିକାଶ


@ ମଞ୍ଜୁ


@ ସିଲୁ


@ ଅଭୟ


@ ମହେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅନିମା ମିଶ୍ର କରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୭।୧୧(ସୁଚିସ୍ମିତା ସାହୁ)

ପୂର୍ବତନ ବାଚସ୍ପତି ସ୍ୱର୍ଗତଃ ଶରତ କରଙ୍କ ଧର୍ମପତ୍ନୀ ପ୍ରଫେସର ଅନିମା ମିଶ୍ର କରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ରବିବାର ଶହୀଦନଗରସ୍ଥିତ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, କଂଗ୍ରେସ ନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପଦ୍ମଲୋଚନ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପ୍ରତିକୃତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ମୃତିଚାରଣ କରି କହିଲେ, ପ୍ରଫେସର ଅନିମା ମିଶ୍ର ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଥିଲେ। ତାଙ୍କ ସେବା ମନୋଭାବ ଓ କାର୍ଯ୍ୟଧାରା ଅନ୍ୟମାନଙ୍କଠାରୁ ନିଆରା ଥିଲା। ଏହି ଅବସରରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଅମୃତ ଲୋକରେ ଅନିମା' ପୁସ୍ତକର ଲୋକାର୍ପଣ କରାଯାଇଥିଲା। ପ୍ରଫେସର ମିଶ୍ରଙ୍କ ବଡପୁଅ ଇଂଲିଶ୍ ରିଡର ସୁମନ କର ଓ ସାନପୁଅ ତଥା ପୂର୍ବତନ ଆୟକର ଆୟୁକ୍ତ ଶୋଭନ କର, ବଡ ବୋହୂ ଦୂର୍ତ୍ତିକା କର, ସାନ ବୋହୂ ପୁନମ କର, ନାତିନାତୁଣୀ ଜୁହି, ପରୀ, ସୌୟାଂଶୁ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ।


ଶହୀଦନଗରସ୍ଥିତ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ପ୍ରଫେସର ଅନିମା ମିଶ୍ର କରଙ୍କ ଶ୍ରାଦ୍ଧବାର୍ଷିକୀ।

